


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





Vol - 22 Issue No:62 24 June 2026 (Wednesday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୬୨ ୨୪ ଜୁନ୍ ୨୦୨୬ (ବୁଧବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬


## ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି:

### ସହାୟତା ରାଶି ୧୦ ଲକ୍ଷକୁ ବୃଦ୍ଧି





ଭୁବନେଶ୍ୱର,୨୩/୬(ନି/ପ୍ର): ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ମୃତ ଓଡ଼ିଆ ଶ୍ରମିକଙ୍କ ସହାୟତା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ଏହା ସହିତ ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିଲେ। ଆଜି ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶିର ପରିମାଣକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ଆଖି ବୁଜିଲେ ଆଉ ଦୁଇ ଜଣ ଓଡ଼ିଆ। କେନ୍ଦୁଝର ଜିଲ୍ଲାର ସଜନୀ ଜୁଆଙ୍ଗଙ୍କର ମୃତ୍ୟୁ ହୋଇଛି। ଆଜି ସକାଳୁ ଜାମୁନି ଜୁଆଙ୍ଗଙ୍କର ବି ମୃତ୍ୟୁ ହୋଇଥିଲା । ଏହାସହ ଗ୍ୟାସ୍ ଟ୍ରାଜେଡି ଘଟଣାରେ ଓଡ଼ିଆଙ୍କ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି। ଗୁରୁତର ଭାବେ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ସଜନୀ ଜୁଆଙ୍ଗ ଓ ଜାମୁନି ଜୁଆଙ୍ଗଙ୍କର ମୃତ୍ୟୁ ହୋଇଛି । ମୃତକ ଜାମୁନୀଙ୍କ ଘର କେନ୍ଦୁଝର ତେଲକୋଇ ବ୍ଲକ ଟାଙ୍ଗିରି ଗାଁରେ । ପୂର୍ବରୁ କେବଳ କେନ୍ଦୁଝର ଜିଲ୍ଲାରୁ ୫ ଜଣଙ୍କର ଜୀବନ ଯାଇଥିଲା। ତେଲକୋଇ ଟାଙ୍ଗିରି ଗାଁରୁ ମୋଟ ୧୮ ଜଣ ଯାଇଥିଲେ। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୭ଜଣଙ୍କର ମୃତ୍ୟୁ ହୋଇଛି। ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ମୋଟ ୯ ଜଣଙ୍କର ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ ବିଭାଗ ଓ ତାମିଲନାଡୁ ପ୍ରଶାସନ ସହ ନିରନ୍ତର ସମନ୍ୱୟ ରଖାଯାଉଛି ।ମୃତ ଶ୍ରମିକମାନଙ୍କ ପରିଚୟ ସୁନିଶ୍ଚିତ କରାଯାଇଛି ଏବଂ ମୃତଦେହଗୁଡ଼ିକର ବ୍ୟବଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ସମ୍ମାନର ସହିତ ସେମାନଙ୍କ ଗାଁକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି । ଆହତ ଶ୍ରମିକମାନଙ୍କ ଚିକିତ୍ସା ଉପରେ ସରକାର ନଜର ରଖିଛନ୍ତି ଏବଂ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି । ପୀଡ଼ିତ ପରିବାରମାନଙ୍କୁ ସରକାରୀ ସହାୟତା ଏବଂ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯାଇଛି । ଏଣେ, ଓଡ଼ିଶା ଟିମ୍‌ର ସଦସ୍ୟ ଏମ୍.ଏମ୍. ପାଇକ ଚେନ୍ନାଇରେ ରହି ଯୁଗ୍ମ ଶ୍ରମ ଆୟୁକ୍ତ ଏବଂ ସରକାରୀ ମେଡିକାଲ କଲେଜ ହସ୍ପିଟାଲର ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ପୋଷ୍ଟମର୍ଟମ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ କରିବେ। ରାଜେଶ ଅଗ୍ରୱାଲା ଏବଂ ବି.ବି. ଆଚାର୍ଯ୍ୟ ଚେନ୍ନାଇରେ ପହଞ୍ଚିବା ପରେ ତିରୁଭାଲ୍ଲୁର ଅଭିମୁଖେ ଯିବେ। ସେଠାରେ ଚିକିତ୍ସାଧୀନ ଆହତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ସମୀକ୍ଷା କରାଯିବ। କେତେକ ଆହତଙ୍କ ଅବସ୍ଥା ଏପର୍ଯ୍ୟନ୍ତ ସଙ୍କଟାପନ୍ନ ରହିଛି। ଅନ୍ୟ ଜଣେ ମୃତ ଶ୍ରମିକଙ୍କ ମୃତଦେହ ମଧ୍ୟ ବର୍ତ୍ତମାନ ତିରୁଭାଲ୍ଲୁର ରେ ରହିଛି। ପ୍ରାୟ ୧୩୦ ଜଣ ଶ୍ରମିକଙ୍କୁ ନିକଟସ୍ଥ ଏକ ମଣ୍ଡପ/କମ୍ୟୁନିଟି ହଲ୍‌ରେ ରଖାଯାଇଛି। ସେମାନଙ୍କ ପାଇଁ ଖାଦ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଚେନ୍ନାଇ ଏବଂ ତିରୁଭାଲ୍ଲୁରର ବରିଷ୍ଠ ଶ୍ରମ ବିଭାଗୀୟ ଅଧିକାରୀମାନଙ୍କ ସହ ଯୋଗାଯୋଗ ସ୍ଥାପିତ ହୋଇଥିବାବେଳେ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ଜାରି ରହିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।

## ବିଜେପିକୁ ବଡ଼ ଝଟକା; ଇସ୍ତଫା ଦେଲେ ଜର୍ଜ କୁରିଏନ୍



ନୂଆଦିଲ୍ଲୀ,୨୩/୬: ଇସ୍ତଫା ଦେଲେ ଜର୍ଜ କୁରିଏନ୍। ମଙ୍ଗଳବାର ଭାରତୀୟ ଜନତା ପାର୍ଟି (ବିଜେପି)କୁ ଏକ ବଡ଼ ଝଟକା ଲାଗିଛି। ଦଳର ବରିଷ୍ଠ ନେତା ଜର୍ଜ କୁରିଏନ୍ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ସେ ସଂଖ୍ୟାଲଘୁ ବ୍ୟାପାର ଏବଂ ମତ୍ସ୍ୟପାଳନ ରାଷ୍ଟ୍ରମନ୍ତ୍ରୀ ଥିଲେ। ତାଙ୍କର ରାଜ୍ୟସଭା କାର୍ଯ୍ୟକାଳ ମଧ୍ୟ ଜୁନ୍ ୨୧ ତାରିଖରେ ଶେଷ ହୋଇଥିଲା। ସେ ଆଜି ହଠାତ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଇସ୍ତଫାପତ୍ର ପ୍ରଦାନ କରି ଦଳର ହାଇକମାଣ୍ଡଙ୍କୁ ଆଶ୍ଚର୍ଯ୍ୟଚକିତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ସମ୍ବିଧାନର ଧାରା ୭୫ର ଧାରା (୨) ଅନୁଯାୟୀ କେନ୍ଦ୍ର ମନ୍ତ୍ରୀ ପରିଷଦରୁ ଜର୍ଜ କୁରିଏନ୍ ଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି ଏବଂ ତାଙ୍କୁ ତାଙ୍କ ଦାୟିତ୍ୱରୁ ମୁକ୍ତ କରିଛନ୍ତି। ସୂଚନାନୁଯାୟୀ, କେରଳ ବିଜେପିର ନେତା ଜର୍ଜ କୁରିଏନ୍ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ, କିନ୍ତୁ ଏଥର ତାଙ୍କୁ ପୁନଃନିର୍ବାଚିତ କରାଯାଇ ନଥିଲା। ତାଙ୍କ ସ୍ଥାନରେ ମଧ୍ୟପ୍ରଦେଶରୁ ବିଜେପି ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଙ୍କୁ ନିଯୁକ୍ତ କରାଯାଇଥିଲା। ଏହାର କାରଣ ସମ୍ଭବତଃ କେରଳ ବିଧାନସଭା ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ କାରଣରୁ। ଏଥିପାଇଁ ତାଙ୍କୁ ରାଜ୍ୟସଭାକୁ ପୁନଃନିର୍ବାଚିତ କରାଯାଇ ନଥିଲା ଏବଂ ତାଙ୍କ ଅନିର୍ବାଚିତ ହେବାରେ ଅସନ୍ତୋଷ ପ୍ରକାଶ କରି ସେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ମାତ୍ର ତାଙ୍କ ଇସ୍ତଫା ପଛର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

## ଜୁନ୍ ୨୮ରେ ଆରଆଇ ଓ ଜୁଲାଇ ୫ରେ ଓଟିଇଟି

ଭୁବନେଶ୍ୱର,୨୩/୬(ନି/ପ୍ର): ଗୋଟିଏ ଦିନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ବଢୁଥିବା ଚିନ୍ତାର ଅବସାନ ଘଟିଛି । ଆରଆଇ ପରୀକ୍ଷାର ତାରିଖରେ ପରିବର୍ତ୍ତନ କରାଯାଇଛି । ନୂତନ ସୂଚୀ ଅନୁସାରେ, ଜୁନ୍ ୨୮ରେ ଆରଆଇ ପରୀକ୍ଷା ଆୟୋଜିତ ହେବ । ଅନ୍ୟପଟେ, ଜୁଲାଇ ୫ରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବ । ପୂର୍ବରୁ ଏକା ଦିନରେ ଉଭୟ ପରୀକ୍ଷା ହେବାର ସମ୍ଭାବନା ଥିବାରୁ ପରୀକ୍ଷାର୍ଥୀମାନେ ଅସୁବିଧାରେ ପଡ଼ିଥିଲେ ଏବଂ ତାରିଖ ପରିବର୍ତ୍ତନ ପାଇଁ ଦାବି କରୁଥିଲେ । ସେମାନଙ୍କ ଦାବିକୁ ବିଚାରକୁ ନେଇ ଏହି ନିଷ୍ପତି ନିଆଯାଇଛି। ଏହାଦ୍ୱାରା ଉଭୟ ପରୀକ୍ଷା ପାଇଁ ପ୍ରସ୍ତୁତି ନେଉଥିବା ପ୍ରାର୍ଥୀମାନେ ବିନା ଦ୍ୱନ୍ଦ୍ୱରେ ପରୀକ୍ଷା ଦେଇପାରିବେ ଏବଂ ନିଜ ଭବିଷ୍ୟତ ପାଇଁ ସୁଯୋଗକୁ ସୁରକ୍ଷିତ କରିପାରିବେ ।

## ଇରାନକୁ ଟ୍ରମ୍ପଙ୍କ ନୂଆ ଧମକ



ୱାସିଂଟନ,୨୩/୬: ସ୍ୱିଜରଲ୍ୟାଣ୍ଡରେ ଆମେରିକା ଏବଂ ଇରାନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ଶେଷ ହେବାର ଗୋଟିଏ ଦିନ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ତେହେରାନକୁ ଧମକ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନ ଚୁକ୍ତି ପାଳନ ନ କରେ, ତେବେ ଆମେରିକା କଡ଼ା ଜବାବ ଦେବ। ପୂର୍ବରୁ ରବିବାର ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିଲେ, ଯାହା ଆଲୋଚନାରେ ଉତ୍ତେଜନା ସୃଷ୍ଟି କରିଥିଲା। ଏହି ଧମକ ପରେ, ଇରାନୀ ଆଲୋଚନାକାରୀମାନେ କିଛି ସମୟ ପାଇଁ ଆଲୋଚନା ସ୍ଥାନ ଛାଡି ଚାଲିଯାଇଥିଲେ। ଏବେ ଟ୍ରମ୍ପ ଇରାନକୁ ଏକ ନୂଆ ଚେତାବନୀ ଦେଇଛନ୍ତି। ସୋମବାର ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଥିଲେ, ଯଦି ଇରାନ ଚୁକ୍ତିପାଳନ ନ କରେ, କିମ୍ବା ଠିକ୍ ଭାବରେ ଆଚରଣ ନ କରେ, ତେବେ ତେବେ ଯାହା କରିବା କଥା ମୁଁ କରିବି। ଏହି ଚୁକ୍ତି ଅନୁଯାୟୀ, ଉଭୟ ପକ୍ଷ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ରାଜି ହୋଇଛନ୍ତି। ଯାହା ଆଲୋଚନା ପ୍ରକ୍ରିୟା ଉପରେ ନଜର ରଖିବ। ମଧ୍ୟସ୍ଥି କତାର ଏବଂ ପାକିସ୍ତାନର ଏକ ବିବୃତି ଅନୁଯାୟୀ ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜଗୁଡ଼ିକର ସୁରକ୍ଷିତ ପଥ ସୁନିଶ୍ଚିତ କରିବା ପାଇଁ ଏକ ଟେଲିଫୋନ୍ ହଟଲାଇନ୍ ସ୍ଥାପନ କରିବାକୁ ମଧ୍ୟ ଉଭୟ ପକ୍ଷ ରାଜି ହୋଇଛନ୍ତି। ଚୁକ୍ତିନାମା ଅନୁଯାୟୀ ଆର୍ଥିକ ଆଶ୍ୱସ୍ତିର ଏକ ଅଂଶ ସ୍ୱରୂପ, ଆମେରିକାର ଟ୍ରେଜେରୀ ଇରାନକୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ପ୍ରତିବନ୍ଧକ ଛାଡ଼ ପ୍ରଦାନ କରିଛି, ଯାହା ଫଳରେ ଇରାନ ତେଲ ଏବଂ ସମ୍ପର୍କିତ ଉତ୍ପାଦ ରପ୍ତାନି କରିପାରିବ ଏବଂ ପେମେଣ୍ଟ ପାଇପାରିବ। ଆମେରିକା ବିଦେଶରେ ଇରାନର କିଛି ଫ୍ରିଜ୍ ହୋଇଥିବା ସମ୍ପତ୍ତିକୁ ମଧ୍ୟ ମୁକ୍ତ କରିଛି। ତଥାପି, ସୋମବାର ଟ୍ରମ୍ପ କହିଛନ୍ତି ଯେ, ମୁକ୍ତ ହୋଇଥିବା ଫ୍ରିଜ୍ ସମ୍ପତ୍ତିକୁ ଇରାନକୁ କେବଳ ଆମେରିକାରୁ ଖାଦ୍ୟ କିଣିବା ପାଇଁ ବ୍ୟବହାର କରିବାକୁ ପଡିବ। ସେମାନଙ୍କର ଜନସଂଖ୍ୟା ୯.୧ କୋଟି। ଇରାନ ସରକାର ଲୋକଙ୍କୁ ଖାଦ୍ୟ ଯୋଗାଇ ପାରିବେ ନାହିଁ। ତେଣୁ ଆମେ ଯେଉଁ ଟଙ୍କା ମୁକ୍ତ କରୁଛୁ ତାହା ଆମର ଚାଷୀମାନଙ୍କ ପାଖକୁ ଯିବ ବୋଲି ଟ୍ରମ୍ପ ଜୋର ଦେଇ କହିଛନ୍ତି। ଏହା ଦ୍ୱାରା ତେହେରାନକୁ ଦିଆଯାଇଥିବା ପାଣ୍ଠି ଆମେରିକା ପରୋକ୍ଷ ଭାବେ ଫେରାଇ ନେବାକୁ ଯୋଜନା କରିଛି ବୋଲି ଚର୍ଚ୍ଚା ହେଉଛି। ତେବେ ଇରାନର କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର ଅବଦୁଲ ନାସେର ହେମମାତି କହିଛନ୍ତି ଯେ, ତେହେରାନ ଆମେରିକୀୟ କୃଷି ଉତ୍ପାଦ କିଣିବାକୁ ବାଧ୍ୟ ନୁହେଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଇରାନ ଅନ୍ୟ ଅଣ-ପ୍ରତିବନ୍ଧିତ ଆମଦାନୀ ପାଇଁ କିଛି ପାଣ୍ଠି ବ୍ୟବହାର କରିପାରିବ।

## ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇରେ ଜଳସଂକଟ:

### ଏଲ୍ ନିନୋ ପ୍ରଭାବରେ ବୃଦ୍ଧି ହେବାର ଆଶଙ୍କା - ମୁଡିଜ୍ ଚେତାବନୀ



ନ୍ୟୁୟର୍କ,୨୩/୬: ବିଶ୍ୱସ୍ତରୀୟ କ୍ରେଡିଟ୍ ରେଟିଂ ଏଜେନ୍ସି ମୁଡିଜ୍ ରେଟିଂସ୍ ଭାରତର ଜଳ ସଙ୍କଟ ବିଷୟରେ ଏକ ବଡ଼ ଚେତାବନୀ ଜାରି କରିଛି। ମୁଡିଜ୍ ରେଟିଂସ୍ ଭାରତର ଜଳ ପରିଚାଳନା ବ୍ୟବସ୍ଥା ସମସ୍ୟାରେ ରହିଥିବା ଏକ ରିପୋର୍ଟରେ ଉଲ୍ଲେଖ କରିଛି। ଦେଶର ବିଭିନ୍ନ କ୍ଷେତ୍ରରେ ଜଳ ବଣ୍ଟନର ଧୀର ପ୍ରକ୍ରିୟା ସଙ୍କଟକୁ ଆହୁରି ଗୁରୁତର କରୁଥିବା ଏଜେନ୍ସି କହିଛି। ଏହା ବ୍ୟତୀତ, କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଜଳ ଦର ଉପରେ ସବସିଡି ସରକାରୀ ରାଜକୋଷ ଉପରେ ଚାପ ବୃଦ୍ଧି କରୁଛି। ଭାରତର ମଧୁର ଜଳର ୮୦ ପ୍ରତିଶତ କୃଷି କ୍ଷେତ୍ରରେ ବ୍ୟବହୃତ କରାଯାଉଛି। ଅନେକ ରାଜ୍ୟ ଜଳ ଏବଂ ବିଦ୍ୟୁତ୍ ବ୍ୟବହାର ପାଇଁ ସବସିଡି ପ୍ରଦାନ କରୁଛନ୍ତି, ଯାହା ଧୀରେ ଧୀରେ ସରକାରଙ୍କ ଉପରେ ଆର୍ଥିକ ଚାପ ବୃଦ୍ଧି କରୁଛି। ଭାରତର ସଂଘୀୟ ଜଳ ପରିଚାଳନା ବ୍ୟବସ୍ଥା ଏହି ସଙ୍କଟକୁ ଆହୁରି ବଢ଼ାଉଛି। ଜଳସେଚନ, ପାନୀୟ ଜଳ ଯୋଗାଣ ଏବଂ ସ୍ଥାନୀୟ ଜଳ ସମ୍ପଦ ପରିଚାଳନା ମୁଖ୍ୟତଃ ରାଜ୍ୟଗୁଡ଼ିକର ଅଧିକାର କ୍ଷେତ୍ର ଅଧୀନରେ ଆସୁଛି। ଫଳସ୍ୱରୂପ, ବିଭିନ୍ନ ରାଜ୍ୟର ଜଳ ନୀତି ମଧ୍ୟରେ ଭିନ୍ନ ଭିନ୍ନ ପରିଲକ୍ଷିତ ହୋଇଥାଏ। ଆଗାମୀ ଦିନରେ ଭାରତ ଜଳ ସଙ୍କଟର ସମ୍ମୁଖୀନ ହୋଇପାରେ କାରଣ, ବିଭିନ୍ନ ଅଞ୍ଚଳରେ ଅପର୍ଯ୍ୟାପ୍ତ ଜଳ ବଣ୍ଟନ ବ୍ୟବସ୍ଥା ଯୋଗୁଁ ଜଳ ଅଭାବ ଦେଖାଦେଇଛି। ସେହିପରି ଡିଜିଟାଲ ଅର୍ଥନୀତିର ପ୍ରସାର ସହିତ, ଭାରତରେ ଜଳ ବ୍ୟବହାର ବୃଦ୍ଧି ପାଇଛି, କିନ୍ତୁ ଯୋଗାଣ ସୀମିତ ରହିଛି। ମରୁଡି, ବନ୍ୟା, ଅନିୟମିତ ମୌସୁମୀ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଚ୍ୟାଲେଞ୍ଜ ମଧ୍ୟ ଜଳ ସଙ୍କଟକୁ ଆହୁରି ଗୁରୁତର କରିବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ମୁଡିଜ୍ ରେଟିଂ ଅନୁଯାୟୀ, ଏପରି ପରିସ୍ଥିତିରେ, ବିଭିନ୍ନ ରାଜ୍ୟର ଭିନ୍ନ ନୀତି ଏବଂ ପ୍ରାଥମିକତା ଜଳସମ୍ପଦର ପ୍ରଭାବଶାଳୀ ବ୍ୟବହାରକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏହା ବ୍ୟତୀତ, କୃଷି, ଘରୋଇ ବ୍ୟବହାର ଏବଂ ଶିଳ୍ପ କ୍ଷେତ୍ର ମଧ୍ୟରେ ଜଳର ବଣ୍ଟନ ଧାରାରେ ସମସ୍ୟା ରହିଛି। ଫଳସ୍ୱରୂପ ଯେଉଁ ଅଞ୍ଚଳରେ ଜଳ ଅଭାବ ରହିଛି ସେଠାରେ ସଙ୍କଟ ଗୁରୁତର ହୋଇପାରେ। ଡିଜିଟାଲ୍ ଅର୍ଥନୀତିର ପ୍ରସାର ସହିତ, ଭାରତରେ ଡାଟା ସେ[ର, କ୍ଲାଉଡ୍ କମ୍ପ୍ୟୁଟିଂ ଏବଂ ଏଆଇ-ଭିତ୍ତିକ ଶିଳ୍ପଗୁଡ଼ିକ ମଧ୍ୟ ଦ୍ରୁତ ଗତିରେ ବିକାଶ କରୁଛନ୍ତି। ସର୍ଭର କୁଲିଂ ଏବଂ ଅନ୍ୟାନ୍ୟ ପ୍ରଯୁକ୍ତିବିଦ୍ୟା ପ୍ରକ୍ରିୟା ପାଇଁ ପ୍ରଚୁର ପରିମାଣରେ ପାଣି ଆବଶ୍ୟକ ହେଉଛି। ଶିଳ୍ପ ଚାହିଦା ବୃଦ୍ଧି ହେବା ଯୋଗୁ ପୂର୍ବରୁ ସୀମିତ ଜଳ ସମ୍ପଦ ଉପରେ ଅତିରିକ୍ତ ଚାପ ପଡୁଥିବାବେଳେ ଡିଜିଟାଲ୍ ଅର୍ଥନୀତି ଏହାକୁ ଅଧିକ ଗୁରୁତର କରୁଛି। ଡିଜିଟାଲ୍ ଅର୍ଥନୀତିକୁ ଆଗକୁ ବଢ଼ାଇବାକୁ ହେଲେ ଜଳ ସମ୍ପଦର ଏକ ସନ୍ତୁଳିତ ଏବଂ ସ୍ଥାୟୀ ପରିଚାଳନା ଖୋଜିବାକୁ ପଡିବ ବୋଲି ଏଜେନ୍ସି କହିଛି।

## ଜୁଲାଇ ୯ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ



ଭୁବନେଶ୍ୱର,୨୩/୬(ନି/ପ୍ର): ଆସନ୍ତା ଜୁଲାଇ ୯ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ଭାରତର ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ । ଭୁବନେଶ୍ୱରରେ ଅନୁଷ୍ଠିତ ଙ୍ଟଇଞ୍ଜ କାର୍ଯ୍ୟକ୍ରମରେ ସାମିଲ ହେବେ । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଯୋଗଦେବାର ସୂଚନା ରହିଛି । ଦିନିକିଆ ଗସ୍ତରେ ସେ ଭୁବନେଶ୍ୱରରେ ବିଭିନ୍ନ ସରକାରୀ ଓ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବେ । ଉପରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ସୁରକ୍ଷା ବ୍ୟବସ୍ଥାଠାରୁ ଆରମ୍ଭ କରି କାର୍ଯ୍ୟକ୍ରମ ସ୍ଥଳର ସମସ୍ତ ବ୍ୟବସ୍ଥାକୁ ନେଇ ସମ୍ପୃକ୍ତ ବିଭାଗମାନେ ସଜାଗ ରହିଛନ୍ତି। ଏହି ଦିନିକିଆ ଗସ୍ତରେ ଉପରାଷ୍ଟ୍ରପତି ଭୁବନେଶ୍ୱରରେ ବିଭିନ୍ନ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତ କରିବେ ବୋଲି ସୂଚନା ମିଳିଛି । ତାଙ୍କ ଗସ୍ତକୁ ନେଇ ରାଜଧାନୀରେ ପ୍ରଶାସନିକ ତତ୍ପରତା ବଢ଼ିଛି ।

## ଜୁଲାଇ ୪ରେ ଓଡ଼ିଶା ଆସିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ

ଭୁବନେଶ୍ୱର,୨୩/୬(ନି/ପ୍ର): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଜୁଲାଇ ୪ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ । ଏହି ଗସ୍ତ ଅବସରରେ ସେ ରାଜ୍ୟରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ସରକାରୀ କାର୍ଯ୍ୟକ୍ରମ ସହିତ ଦଳୀୟ ସଂଗଠନ ପକ୍ଷରୁ ଆୟୋଜିତ ବୈଠକ ଓ ସମାବେଶରେ ମଧ୍ୟ ଅମିତ ଶାହଙ୍କ ଉପସ୍ଥିତି ରହିବ। ଏହି ଗସ୍ତରେ ସେ ରାଜ୍ୟର ବିଭିନ୍ନ ସାଙ୍ଗଠନିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ଦଳୀୟ ନେତୃତ୍ୱ ଓ କର୍ମୀମାନଙ୍କୁ ମାର୍ଗଦର୍ଶନ ଦେଇପାରନ୍ତି। ଅମିତ ଶାହଙ୍କ ଗସ୍ତକୁ ନେଇ ରାଜ୍ୟ ବିଜେପି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଉଛି। ତାଙ୍କ ଏହି ଗସ୍ତକୁ ରାଜ୍ୟ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବେ ଦେଖାଯାଉଛି ।

## ଲକ୍ଷ୍ନୌ ଅଗ୍ନିକାଣ୍ଡ ଘଟଣା:

### ୪ ମାଲିକ ଗିରଫ, ୪ ସରକାରୀ ଅଧିକାରୀ ନିଲମ୍ବିତ



ଲକ୍ଷ୍ନୌ,୨୩/୬: ଉତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌର ଏକ ତିନି ମହଲା ବ୍ୟବସାୟିକ ପ୍ରତିଷ୍ଠାନରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ମାମଲାରେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୁଲିସ ବିଲ୍ଡିଂର ୩ ଜଣ ମାଲିକଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାମକୃଷ୍ଣ ଉପାଧ୍ୟାୟ, ବୀରେନ୍ଦ୍ର ପ୍ରସାଦ ଶୁକ୍ଳା, ତୁଷାର କୃଷ୍ଣ ଜୈସୱାଲ ଓ ସୁରେଶ କୁମାର ସାହୁ। ଏହି ଦୁର୍ଘଟଣା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟରେ ଅବହେଳା ଅଭିଯୋଗରେ ୪ ଜଣ ସରକାରୀ ଅଧିକାରୀଙ୍କୁ ତୁରନ୍ତ ନିଲମ୍ବିତ ମଧ୍ୟ କରାଯାଇଛି। ନିଲମ୍ବିତ ଅଧିକାରୀଙ୍କ ମଧ୍ୟରେ ଜାନକୀପୁରମର ନିର୍ବାହୀ ଯନ୍ତ୍ରୀ ଗୌରବ କୁମାର, ଖାଦ୍ୟ ସୁରକ୍ଷା ଅଧିକାରୀ କମଳେନ୍ଦ୍ର କୁମାର ସିଂ, ସହକାରୀ ଯନ୍ତ୍ରୀ ଅନିଲ କୁମାର ଓ ଜୁନିୟର ଯନ୍ତ୍ରୀ ପ୍ରମୋଦ ପାଣ୍ଡେ ସାମିଲ ଅଛନ୍ତି। ଏହି ସମଗ୍ର ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଏକ ଦୁଇ ସଦସ୍ୟ ବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଛନ୍ତି, ଯାହାକୁ ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଲୀଗଞ୍ଜ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍) ର ସମ୍ପୃକ୍ତ ଧାରା ଓ ଅଗ୍ନିଶମ ସେବା ଅଧିନିୟମ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ତଦନ୍ତକାରୀ ଦଳର ପ୍ରାଥମିକ ସୂଚନା ଅନୁଯାୟୀ, ବିଲ୍ଡିଂଟି ଆବାସିକ ବ୍ୟବହାର ପାଇଁ ଅନୁମୋଦିତ ହୋଇଥିଲେ ହେଁ ସେଠାରେ ବେଆଇନ ଭାବେ ବ୍ୟବସାୟିକ କାର୍ଯ୍ୟକଳାପ ଚାଲିଥିଲା। ବେସମେଣ୍ଟରେ ଥିବା ଏୟାର କଣ୍ଡିସନରରେ ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ନିଆଁ ଲାଗିବା ମାତ୍ରେ ପ୍ରବଳ ଧୂଆଁ ବ୍ୟାପିଯାଇଥିଲା ଏବଂ ବିଲ୍ଡିଂରୁ ବାହାରିବା ପାଇଁ ଜରୁରୀକାଳୀନ ରାସ୍ତା ନଥିବାରୁ ଦ୍ୱିତୀୟ ମହଲାରେ କ୍ଲାସ୍ କରୁଥିବା ଛାତ୍ରଛାତ୍ରୀମାନେ ଭିତରେ ହିଁ ଫସି ରହି ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ତେବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାସ୍ଥଳ ଓ କିଙ୍ଗ ଜର୍ଜ ମେଡିକାଲ ୟୁନିଭର୍ସିଟି ଗସ୍ତ କରି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଲୀଗଞ୍ଜ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍) ର ସମ୍ପୃକ୍ତ ଧାରା ଓ ଅଗ୍ନିଶମ ସେବା ଅଧିନିୟମ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ତଦନ୍ତକାରୀ ଦଳର ପ୍ରାଥମିକ ସୂଚନା ଅନୁଯାୟୀ, ବିଲ୍ଡିଂଟି ଆବାସିକ ବ୍ୟବହାର ପାଇଁ ଅନୁମୋଦିତ ହୋଇଥିଲେ ହେଁ ସେଠାରେ ବେଆଇନ ଭାବେ ବ୍ୟବସାୟିକ କାର୍ଯ୍ୟକଳାପ ଚାଲିଥିଲା।

## ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ:

### ଏକକାଳୀନ ୬ଟି ସ୍ଥାନରେ ଚଢ଼ଉ



ଭୁବନେଶ୍ୱର,୨୩/୬(ନି/ପ୍ର): ଆୟବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସମ୍ବଲପୁର ଡିଭିଜନର କାଡା (କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି)ର ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକ। ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ସମ୍ବଲପୁରଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୪ ଜଣ ଡ଼ିଏସପି, ୧୩ ଜଣ ଇନ୍ସପେକ୍ଟର, ୭ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ନିମ୍ନଲିଖିତ ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଉଛି। ୬ଟି ସ୍ଥାନରେ ଚଢ଼ଉ, ୧. ସମ୍ବଲପୁରର ଧନୁପାଲିରେ ଅବସ୍ଥିତ ପଦ୍ମଲୋଚନ ନାୟକଙ୍କ ଭଡା ଘର। ୨. କଟକର ବିଦ୍ୟାଧରପୁରରେ ଶ୍ରୀ ନାୟକଙ୍କ ଆବାସିକ ତିନି ମହଲା କୋଠା। ୩. ଜିଲ୍ଲା-ବାଲେଶ୍ୱରର ବସ୍ତା ଥାନା ଅନ୍ତର୍ଗତ ମୁଖାଲିସରେ ଶ୍ରୀ ନାୟକଙ୍କ ଦୁଇ ମହଲା କୋଠା। ୪.ସମ୍ବଲପୁରର ଧନୁପାଲିରେ ଅବସ୍ଥିତ ପଦ୍ମଲୋଚନ ନାୟକଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ।୫.କଟକ ସହରର ଦୁଇଟି ସ୍ଥାନରେ ଥିବା ଶ୍ରୀ ନାୟକଙ୍କ ସହଯୋଗୀଙ୍କ ବାସଭବନ। ୬.ମାଲକାନଗିରିର କାଲିମେଳାରେ ତାଙ୍କ ସହଯୋଗୀଙ୍କ ଗୋଟିଏ ସ୍ଥାନ। ଏନେଇ ଅଧିକ ତଥ୍ୟକୁ ଅପେକ୍ଷା କରାଯାଉଛି।




# କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


## ଅନ୍ତର୍ଜାତୀୟ ଯୋଗ ଦିବସ କେନ୍ଦୁଝରରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ



କେନ୍ଦୁଝର,୨୩/୬(ନି/ପ୍ର): ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆଜି ସ୍ଥାନୀୟ ଶଙ୍କରପୁରସ୍ଥିତ ଧରଣୀଧର କ୍ରୀଡ଼ା ପରିସର ଠାରେ ଜିଲ୍ଲା କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ଯୋଗ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମବେତ ଯୋଗାଭ୍ୟାସ କରିବା ସହିତ ଅନନ୍ୟ ଭାରତୀୟ ପରମ୍ପରା ଯୋଗକୁ ବିଶ୍ୱ ଦରବାରରେ ବିଦିତ କରି ଆନ୍ତର୍ଜାତିକ ସ୍ତରରେ ଏହାର ପ୍ରଚାର ପ୍ରସାର କରିଥିବାରୁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଭିଡିଓ କନଫରେନସିଂ ମାଧ୍ୟମରେ କୋଲକାତାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନର ସିଧାପ୍ରସାରଣକୁ ପ୍ରଦର୍ଶିତ କରାଯାଇଥିଲା । ଏହି ସାମୁହିକ ଯୋଗାଭ୍ୟାସରେ ମାନ୍ୟବର ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, ଅଭିଳାଷ ପୁରୋହିତଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ପ୍ରାୟ ୧ ହଜାର ଜନସାଧାରଣ ଯୋଗାଭ୍ୟାସ କରିଥିଲେ । ଯୋଗକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରିବା ପାଇଁ ଏକ ଶପଥପାଠ ଆୟୋଜିତ କରାଯାଇଥିଲା । ପରିଶେଷରେ ଯୋଗ ଦିବସ ପରିପ୍ରେକ୍ଷୀରେ ବିଦ୍ୟାଳୟସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ଏବଂ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ,ବ୍ୟବସାୟିକ ପ୍ରତିଷ୍ଠାନ ,କର୍ପୋରେଟ ସଂସ୍ଥା ,ସରକାରୀ ଦପ୍ତର ,ଏନସିସି , ରେଡକ୍ରସ ,ସାଧାରଣ ନାଗରିକ ମାନେ ବହୁଳ ଭାବେ ଆଗ୍ରହର ସହିତ ବିଭିନ୍ନ ପଡିଆ , ଅଡିଟରୀୟମ ,ମାନକରେ ଯୋଗାଭ୍ୟସ ସହିତ ଦିବସ ପାଳନ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଝୁମ୍ପୁରା ଠାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

କେନ୍ଦୁଝର,୨୩/୬(ନି/ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଝୁମ୍ପୁରା ଠାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଇତ୍ୟବସରରେ ବିଦ୍ୟାଳୟର ଶିଶୁ ଭାଇ ଭଉଣୀ, ଗୁରୁଜୀ, ଗୁରୁମା ସେବକ, ସେବିକା, ଅଭିଭାବକ, ଅଭିଭାବିକା, ପରିଚାଳନା ସମିତିର ସମସ୍ତ ସଭ୍ୟ ଯୋଗଦେଇ ଯୋଗର ଉପକାରିତା ଜାଣିବା ସଙ୍ଗେ ସଙ୍ଗେ ଯୋଗାଭ୍ୟାସ କରିଥିଲେ । ଏହି ଦିବସର ଉଦ୍ଦେଶ୍ୟ, ମହାତ୍ମ୍ୟ ଓ ଶପଥ ପାଠକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପୁରୁଜିତ ମୁନି ମହୋଦୟ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ମଧୁସୂଦନ ସାହୁ ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଶ୍ରୀମତୀ ପ୍ରେମଲତା ପ୍ରଧାନ ଉତ୍ସବଟିକୁ ପରିଚାଳନା କରିଥିଲେ । ଗାୟତ୍ରୀ ପରିବାରର ଝୁମ୍ପୁରା ଖଣ୍ଡ ସେବକ ଶ୍ରୀଯୁକ୍ତ ଅଭିମନ୍ୟୁ ମହାନ୍ତ ଉପସ୍ଥିତ ରହି ଯୋଗାଭ୍ୟାସକୁ ଆଗେଇ ନେଇଥିଲେ । ପରିଚାଳନସମିତିର ସଂପାଦକ ବିନୟ କୁମାର ସାହୁ ଯୋଗ ବିଷୟରେ ଆଲୋକପାତ କରିଥିଲେ । ଆର୍ତତ୍ରାଣ ଗୁରୁଜୀ ଓ ମନୋଜ ଗୁରୁଜୀ କିପରି ଯୋଗ କରିବାକୁ ହେବ ପରିଚାଳନା କରିଥିଲେ । ଶେଷରେ ପରିଚିଳନା ସମିତିର ଉପସଭାପତି ଶ୍ରୀମତୀ ବାସନ୍ତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ପବିତ୍ର ଆନ୍ତର୍ଜାତିକ ଯୋଗ ଦିବସରେ ସମସ୍ତ ଗୁରୁଜୀ, ଗୁରୁମା, ଶିଶୁ ଭାଇ ଭଉଣୀ, ସେବକ, ସେବିକା ଅଭିଭାବକ, ଅଭିଭାବିକା ଉପସ୍ଥିତ ରହି କାର୍ଯ୍ୟଟିକୁ ସଫଳ କରିଥିଲେ ।

## ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜିଲ୍ଲା ବୈଠକ

ଭଦ୍ରକ,୨୩/୬(ନି/ପ୍ର): ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘ, ଭଦ୍ରକ ଜିଲ୍ଲା ଆନୁକୂଲ୍ୟରେ ସାବରଙ୍ଗ ନିକଟସ୍ଥ ପଲ୍ଲୀ ଠାରେ ରବିବାର ଦିନ ମହାସଂଘର ସଭାପତି ବିଦ୍ୟାଧର ସେନାପତିଙ୍କ ସଭାପତିତ୍ୱରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ମହାସଂଘର ଜିଲ୍ଲା ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । କ୍ଷେତ୍ରିୟ ସଂଗଠନ ମନ୍ତ୍ରୀ ଆଲୋକ ଚଟ୍ଟୋପାଧ୍ୟାୟ ଶିକ୍ଷକମାନଙ୍କର କର୍ତ୍ତବ୍ୟ ଏବଂ ରାଷ୍ଟ୍ର ଗଠନରେ ଶିକ୍ଷକମାନଙ୍କ ଭୂମିକା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଆଇଆଇଟି ଭୁବନେଶ୍ୱରରେ ଉତ୍ସାହ ଓ ଉଦ୍ଦୀପନା ସହ ଆନ୍ତର୍ଜାତୀୟ ଯୋଗ ଦିବସ

ଭୁବନେଶ୍ୱର,୨୩/୬(ନି/ପ୍ର): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସକୁ ଅତ୍ୟନ୍ତ ଉତ୍ସାହ ଏବଂ ଉତ୍ସାହର ସହିତ ପାଳନ କରିଛି । ଏହି କାର୍ଯ୍ୟକ୍ରମ ପ୍ରତିଷ୍ଠାନର ଅତିରିକ୍ତ ଶୈକ୍ଷିକ କାର୍ଯ୍ୟକଳାପ (ଇଏଏ) ଏବଂ ସ୍ୱାସ୍ଥ୍ୟସେବା ୟୁନିଟ୍ ଅଧୀନରେ କ୍ୟାମ୍ପସର ସ୍ୱାସ୍ଥ୍ୟ କ୍ଲବ ସହିତ ମିଳିତ ଭାବରେ ଆୟୋଜିତ ହୋଇଥିଲା । ଚଳିତ ବର୍ଷ, ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ଥିଲା 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'। ଭୁବନେଶ୍ୱରର ଭାରତୀୟ ସଂସ୍କୃତି, ଯୋଗ ଏବଂ ପରିଚାଳନା ଏକାଡେମୀ, ବିବେକାନନ୍ଦ କେନ୍ଦ୍ରର ନଗର ସଂଚାଳକ ପ୍ରଫେସର ସତ୍ୟ ମହାପାତ୍ର ଆନ୍ତର୍ଜାତୀୟ ଯୋଗ ଦିବସ ପାଳନରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ କହିଥିଲେ: 'ଯୋଗ କେବଳ ଶାରୀରିକ ଆସନର ଏକ ସମଷ୍ଟି ନୁହେଁ; ଏହା ଏକ ସାମଗ୍ରିକ ଜୀବନଶୈଳୀ ଯାହା ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା, ଭାବପ୍ରବଣ ସନ୍ତୁଳନ ଏବଂ ସଚେତନ ଜୀବନଯାପନକୁ ଏକୀକୃତ କରିଥାଏ । ବର୍ଦ୍ଧିତ ଜୀବନଶୈଳୀ ବ୍ୟାଧି, ଚାପ ଏବଂ ମାନସିକ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ଦ୍ୱାରା ଚିହ୍ନିତ ଏହି ଯୁଗରେ, ଯୋଗକୁ ଗ୍ରହଣ କରିବା ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟର ଦାୟିତ୍ୱ ନେବା, ଜ୍ଞାନାତ୍ମକ ସମ୍ଭାବନାକୁ ବୃଦ୍ଧି କରିବା ଏବଂ ସୁଖୀ, ଅଧିକ ପରିପୂର୍ଣ୍ଣ ଜୀବନଯାପନ କରିବାରେ ସଶକ୍ତ କରିପାରିବ ।' ପ୍ରାରମ୍ଭରେ, ଯୋଗ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ଯୋଗ ଆସନ, ପ୍ରାଣାୟମ, ଏବଂ ଧ୍ୟାନ କୌଶଳର ଏକ ପରିସର କରାଯାଇଥିଲା । ବିଭିନ୍ନ ବୟସ ଗୋଷ୍ଠୀର ଅଂଶଗ୍ରହଣକାରୀମାନେ ଏହି ଅଧିବେଶନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ, ସାମଗ୍ରିକ କଲ୍ୟାଣ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର; ଡିନ୍-ଛାତ୍ର ବ୍ୟାପାର ପ୍ରଫେସର ମିହିର କୁମାର ଦାସ; ରେଜିଷ୍ଟ୍ରାର ଶ୍ରୀ ବାମଦେବ ଆଚାର୍ଯ୍ୟ ଏବଂ ପ୍ରତିଷ୍ଠାନର ଅନ୍ୟାନ୍ୟ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ । ପ୍ରଫେସର-ଇନ୍-ଚାର୍ଜ (ଇଏଏ) ଡକ୍ଟର ଶାନ୍ତନୁ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ର, ଅଧ୍ୟାପକ, ଅଧିକାରୀ ଏବଂ କର୍ମଚାରୀଙ୍କ

## କେନ୍ଦୁଝରରେ ଖରିଫ ପ୍ରସ୍ତୁତି ଓ କୃଷି କାର୍ଯ୍ୟର ସମୀକ୍ଷା କଲେ ଉପ-ମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ



କେନ୍ଦୁଝର,୨୩/୬(ନି/ପ୍ର): ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କେନ୍ଦୁଝର ଜିଲ୍ଲା ଗସ୍ତ କରି ବିଭିନ୍ନ କୃଷି କାର୍ଯ୍ୟକ୍ରମ ଏବଂ ଆଗାମୀ ଖରିଫ-୨୦୨୬ ଋତୁ ପାଇଁ ପ୍ରସ୍ତୁତିର ସମୀକ୍ଷା କରି କ୍ଷେତ୍ରସ୍ତରରେ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ ଏବଂ ଧାନ ନର୍ସରୀ ପ୍ରସ୍ତୁତି ଓ ରୁଆ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ । ଏଲ୍ ନିନୋ ଜନିତ ଅସ୍ୱାଭାବିକ ମୌସୁମୀ ପରିସ୍ଥିତିର ସମ୍ଭାବନାକୁ ଦୃଷ୍ଟିରେ ରଖି କେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ସେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଏଥିସହିତ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ପ୍ରସ୍ତୁତିର ମଧ୍ୟ ସେ ସମୀକ୍ଷା କରିଥିଲେ ।ସୁଚିନ୍ତିତ ଯୋଜନା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ସିଂହଦେଓ କୃଷି ବିଭାଗର ଅଧିକାରୀମାନଙ୍କୁ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଏବଂ 'ଜିଲ୍ଲା କୃଷି ଆପଦକାଳୀନ ଯୋଜନା' କୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ ଚାଷ ସମୟରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମୟୋଚିତ ପରାମର୍ଶ, କୃଷି ସାମଗ୍ରୀର ପର୍ଯ୍ୟାପ୍ତ ଉପଲବ୍ଧତା ଏବଂ କ୍ଷେତ୍ରସ୍ତରୀୟ ସ୍ଥିତିର ନିରନ୍ତର ତଦାରଖ ଅତ୍ୟନ୍ତ ଜରୁରୀ । ଜିଲ୍ଲାରେ ଆଦର୍ଶ କୃଷି କ୍ଷେତ୍ର ପ୍ରତିଷ୍ଠା ପାଇଁ ଚିହ୍ନଟ ହୋଇଥିବା ଜମି ପରିଦର୍ଶନ କରିଥିଲେ । ଏହି ପ୍ରସ୍ତାବିତ ମଡେଲ ଫାର୍ମଗୁଡ଼ିକ କୃଷି ପ୍ରଦର୍ଶନ, ଗବେଷଣା, ପ୍ରଯୁକ୍ତିବିଦ୍ୟାର ପ୍ରସାର ଏବଂ ଚାଷୀମାନଙ୍କ ମଧ୍ୟରେ ଉନ୍ନତ ଚାଷ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ଭାବରେ କାର୍ଯ୍ୟ କରିବ । ତେଲକୋଇର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଡ. ଫକୀର ମୋହନ ନାଏକ ଏବଂ ପାଟଣାର ବିଧାୟକ ଅଖିଳ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ, କେନ୍ଦୁଝର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଏହି ଗସ୍ତରେ ସାମିଲ ହୋଇଥିଲେ ।

## ଚମ୍ପୁଆ କୋର୍ଟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଚମ୍ପୁଆ,୨୩/୬(ନି/ପ୍ର): ଚମ୍ପୁଆ କୋର୍ଟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ବେଶ୍ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଏଡିଜେ ପ୍ରଣୟ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଯୋଗ ଦିବସ ଅବସରରେ କୋର୍ଟର ସମସ୍ତ ବିଚାରପତି ଓ କର୍ମଚାରୀମାନେ ଏକାଠି ହୋଇ ଯୋଗାଭ୍ୟାସ କରିଥିଲେ ।ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସବଜଜ ଜିତେନ୍ଦ୍ର ଦାସ, ଏସଡିଜେଏମ ସାଧଞ୍ଜୀତ ପଣ୍ଡା, ବରିଷ୍ଠ ଓକିଲ ରମେଶ ଚନ୍ଦ୍ର ପ୍ରଧାନ, ରମେଶ ଗିରୀ, ବିଷ୍ଣୁ ପାଣି, ଏବଂ ବିଷ୍ଣୁ ରାଠୋର ପ୍ରମୁଖ ଉପସ୍ଥିତ ରହି ଯୋଗର ମହତ୍ୱ ଉପରେ ଆଲୋକପାତ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ରାମକୃଷ୍ଣ ଜିତ ସଫଳତାର ସହ ପରିଚାଳନା କରିଥିଲେ । ଉପସ୍ଥିତ ଅତିଥିମାନେ ପ୍ରତିଦିନ ଜୀବନରେ ଯୋଗକୁ ସାମିଲ କରି ସୁସ୍ଥ ଓ ନିରୋଗ ରହିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।



ଘଟଗାଁ ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ପ୍ରଦର୍ଶନୀ ଅନୁଷ୍ଠିତ

## ବାପା ସଭିଙ୍କ ପାଇଁ ଭରସାର ଗୋଟେ ନିବୁଜ ଲଫାପା, ସାଳନ୍ଦୀ ସାହିତ୍ୟ ସଂଗମର ଆଳାପନ

ଭଦ୍ରକ, ୨୩/୬(ନି/ପ୍ର): ବାପା କେବଳ ଘରର କାନ୍ଥ କି ଛାତ ନୁହନ୍ତି; ସେ ଘରର ମଝି ଖୁଂଟ । ବାପା ସର୍ବଦା ଏକ ଛାୟାପ୍ରଦ ଦ୍ରୁମ ହେଲେ ବି ରହିଥାନ୍ତି ବିଲ ମଝିର ଏକୁଟିଆ ତାଳ ଗଛଟିଏ ପରି । ମାଆକୁ ନେଇ ସାରା ଦୁନିଆ ମୁଖରିତ ଥିଲାବେଳେ ବାପା ଆମ ପାଇଁ ଆଶା, ଭାଷା ଓ ଭରସାର ଏକ ନିବୁଜ ଲଫାପା ହୋଇ ରହିଥା'ନ୍ତି । 'ବିଶ୍ୱ ପିତୃଦିବସ' ଅବସରରେ ଆରଡ଼ି ଛକ, ଭଦ୍ରକ ସ୍ଥିତ ପ୍ରେମ ନଗର ସଭାକକ୍ଷରେ ଟାଇମପାଶ୍ ଆୟୋଜିତ 'ସାଳନ୍ଦୀ ସାହିତ୍ୟ ସଂଗମ'ର ବାପା ଶୀର୍ଷକ ଆଳାପନ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି । ସାହିତ୍ୟ ସଂଗମର ସଭାପତି ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାର ସଂଚାଳନ କରିଥିଲେ ସାଳନ୍ଦୀ ସାହିତ୍ୟ ସଂଗମର ନିର୍ଦ୍ଦେଶକ ସରୋଜ ବଳ ଓ ସ୍ୱାଗତ ସମ୍ଭାଷଣ ରଖିଥିଲେ ପ୍ରେମ ପୃଥିବୀର ସଂପାଦକ କୈଳାଶ ଚନ୍ଦ୍ର ପଣ୍ଡା । ମୁଖ୍ୟ ଅତିଥି ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ବରେଣ୍ୟ ଅତିଥି ଡ. ବାସୁଦେବ ବାରିକ ଓ ତ୍ୟାଗଭୂମିର ସଭାପତି ଅଜୟ ନାୟକ ବାପାଙ୍କୁ ନେଇ ଭାବପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ । 'ବାପା : କିଛି କଥା, ବ୍ୟଥା ଓ କବିତା' କ୍ରମରେ କିଶୋର ପାଣିଗ୍ରାହୀ, ମମତା ସାହୁ, ସାବିତ୍ରୀ କବି, ଅଭିଜିତ୍ ନାୟକ, ଅଶୋକ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ବହଳୀ, ପ୍ରମୋଦ ରାୟ, ଋତୁରାଜ ଅକ୍ଷୟ, ଅରୂପାନନ୍ଦ ନାୟକ, ରମେଶ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର କବି, ବିସ୍ମୟ ବିହାରୀ ସାହୁ ଆଦି ବାପାଙ୍କୁ ନେଇ କଥା ଓ କବିତା ଉପସ୍ଥାପନ କରିଥିଲେ ।

## ୧୫ ଓଡ଼ିଶା ବାଟାଲିୟନ୍ ଏନସିସି, ଜୟପୁର ପକ୍ଷରୁ ୟେଲୋ ଡ୍ୟାମ୍ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଜୟପୁର,୨୩/୬(ନି/ପ୍ର): ଓଡ଼ିଶା ବାଟାଲିୟନ୍ ଏନସିସି, ଜୟପୁର ପକ୍ଷରୁ ୟେଲୋ ଡ୍ୟାମ୍ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଥିଲା । ପ୍ରକୃତିର ମନୋରମ ପରିବେଶ, ସବୁଜ ପାହାଡ଼ ଓ ଜଳରାଶିର ମଧ୍ୟରେ ଅନୁଷ୍ଠିତ ଏହି ଯୋଗ କାର୍ଯ୍ୟକ୍ରମ କ୍ୟାଡେଟମାନଙ୍କ ମନରେ ନୂତନ ଉତ୍ସାହ ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମକୁ ୧୫ ଓଡ଼ିଶା ବାଟାଲିୟନ ର କମାଣ୍ଡିଂ ଅଫିସର ଲେଫ୍ଟନାଂଟ କର୍ଣ୍ଣେଲ ପ୍ରୀତି ରଞ୍ଜନ ଦାସ ଉଦ୍ଘାଟନ କରିଥିଲେ । ସେ ନିଜ ଅଭିଭାଷଣରେ କହିଥିଲେ ଯେ, ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ, ବରଂ ଏହା ଶୃଙ୍ଖଳା, ଏକାଗ୍ରତା ଓ ମାନସିକ ସନ୍ତୁଳନର ଏକ ପ୍ରଭାବଶାଳୀ ମାଧ୍ୟମ । ଏନ୍ସିସି କ୍ୟାଡେଟମାନଙ୍କ ଜୀବନରେ ଯୋଗର ନିୟମିତ ଅଭ୍ୟାସ ସେମାନଙ୍କୁ ଜଣେ ସୁଦକ୍ଷ ଓ ସୁସ୍ଥ ନାଗରିକ ଭାବେ ଗଢ଼ି ତୋଳିବ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଯୋଗ ଶିବିରରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ପ୍ରକାଶ ବିଦ୍ୟାଳୟ ଓ ଜାଭିୟର ସ୍କୁଲର ଏନ୍ସିସି କ୍ୟାଡେଟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଆର୍ଟ ଅଫ୍ ଲିଭିଂର ଯୋଗଗୁରୁ ମିହିର ପଟ୍ଟନାୟକ ଓ ଶ୍ରୀମତୀ ମମତା ମିଶ୍ର କ୍ୟାଡେଟମାନଙ୍କୁ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଏବଂ ଧ୍ୟାନର ବ୍ୟବହାରିକ ପ୍ରଦର୍ଶନ କରାଇଥିଲେ । ସେମାନେ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା, ଏହାର ସ୍ୱାସ୍ଥ୍ୟଗତ ଉପକାରିତା ଏବଂ ମାନସିକ ପ୍ରଶାନ୍ତି ଲାଭ ପାଇଁ ଯୋଗର ଭୂମିକା ସମ୍ପର୍କରେ କ୍ୟାଡେଟମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ । ୟେଲୋ ଡ୍ୟାମ୍ ର ସୁନ୍ଦର ପାହାଡ଼ିଆ ପରିବେଶ ଓ ମନୋରମ ଜଳଭଣ୍ଡାର କ୍ୟାଡେଟମାନଙ୍କୁ ବେଶ୍ ଆକର୍ଷିତ କରିଥିଲା । ପ୍ରକୃତିର କୋଳରେ ଯୋଗାଭ୍ୟାସ କରି ସମସ୍ତେ ଏକ ନିଆରା ଅନୁଭୂତି ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଟାଲିୟନ୍ ର ସମସ୍ତ ଏଏନ୍ଓ ଓ ପିଆଇ ଷ୍ଟାଫ୍ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ସମସ୍ତଙ୍କ ମିଳିତ ପ୍ରୟାସ ଓ ଉତ୍ସାହପୂର୍ଣ୍ଣ ସହଭାଗିତାରେ ଆନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା ।

## ତିନି ରଥର ବଡକଳସ ପେଣ୍ଡୀରେ ପାପକାର୍ଯ୍ୟ ଓ ୩୨ ଗୋଟି ପାଖୁଡା ନିର୍ମାଣ କାର୍ଯ୍ୟ ଶେଷ

ପୁରୀ,୨୩/୬(ନି/ପ୍ର): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ । ଏଥିପାଇଁ ଚଳଚଂଚଳ ରଥଖଳା । ରଥଖଳାରେ ଦ୍ରୁତ ଗତିରେ ଆଗେଇ ଚାଲିଛି ତିନିରଥ ନିର୍ମାଣ କାର୍ଯ୍ୟ । ରବିବାର ରଥ ନିର୍ମାଣର ୬୨ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ରବିବାର ତିନିରଥର ବଡକଳସ ପେଣ୍ଡୀରେ ପାପକାର୍ଯ୍ୟ ଓ ୩୨ ଗୋଟି ପାଖୁଡ଼ା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଶନିବାର ସୁଦ୍ଧା ତିନିରଥର ପୋଟଳ ପାରାଭାଡ଼ି ସମେତ ସମସ୍ତ ପୋଟଳ ନିର୍ମାଣ କାର୍ଯ୍ୟ ଶେଷ ହୋଇ ରଥର ବିଭିନ୍ନ ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରୀ ରହିଥିଲା । ତିନିରଥର ଦୁଆର ବେଢ଼ା ପ୍ରସ୍ତୁତ ପାଇଁ ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ସାଥି ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ତିନିରଥର ୧୨ ଗୋଟି ଦୁଆର ବେଢ଼ା ମଧ୍ୟରୁ ତିନିରଥର ଦୁଇଟି ଲେଖାଏଁ ଦୁଆର ବେଢ଼ା ଶେଷ ହୋଇଛି । ରବିବାର ତିନିରଥର ଚାରି କୋଣକୁ ଛାଡ଼ି ବେଦୀ ଚାରି ପାର୍ଶ୍ୱରେ ପଟା ବାଡ଼ିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ତିନିରଥକୁ ୧୩ ପରାସ୍ତ ପୋଟଳ ଉଠି, ତିନିରଥର ଚାରିଟି ଲେଖାଏଁ ଦୁଆର ବେଢ଼ା ରଥକୁ ଉଠିବା ପରେ ଖାଲି ଥିବା ତିନିରଥର ଚାରି କୋଣରେ ପଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ ହେବ । ଏଥିସହ ତିନିରଥର ବଡ କଳସ ପେଣ୍ଡୀରେ ପାପ କାର୍ଯ୍ୟ ଶେଷ ହେବାସହ ଶେଷ ହୋଇଛି ୩୨ ଗୋଟି ପାଖୁଡ଼ାର ନିର୍ମାଣ କାର୍ଯ୍ୟ । ରୂପକାର ସେବକ ମାନେ ତିନିରଥର ୨୪ଟି ନାଟ ଗୋଡ଼ରୁ ୧୨ ଗୋଟି ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରିବା ପରେ ବାକି ୧୨ ଗୋଟି ନାଟ ଗୋଡ଼ରେ ରୂପ ଖୋଦେଇ ଜାରୀ ରଖିବା ସହ ଶେଷ ହୋଇଥିବା କନ୍ଦର୍ପ ରୂପ ଖୋଦେଇ ରୂପରେ ଅଳଙ୍କାର ପକା କାର୍ଯ୍ୟ ସହ ପଲିସ୍ କାର୍ଯ୍ୟ ଜାରୀ ରଖିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକ ମାନେ ତିନିରଥର ପୋଟଳ କଂଟା ଯୋଗାଇବା ପରେ ତିନିରଥର କଳସ କଂଟା, ଦୁଆର ବେଢ଼ା ପାଇଁ କଂଟା ନିର୍ମାଣ ସହ ତିନିରଥର ଜଏଂଟ ସ୍ଥାନରେ ଏଲ କ୍ଲାମ୍ପ, ଇଉ କ୍ଲାମ୍ପ ବାଡ଼ିଆ କାର୍ଯ୍ୟ ଜାରୀ ରଖିଛନ୍ତି । ଚିତ୍ରକାରମାନେ ତିନିରଥର ପୋଟଳ ପାରାଭାଡ଼ିରେ ରଙ୍ଗ କାର୍ଯ୍ୟ ଶେଷ କରିବା ସହ ତିନି ରଥର ପାର୍ଶ୍ୱ ଦେବା ଦେବୀ ମାନଙ୍କ ପ୍ରତିମାରେ ରଙ୍ଗ କାର୍ଯ୍ୟ ସହ ତିନିରଥର ହଂସ ପଟା, ଶିଖର ଡମ୍ବରୁ, ଅଁଳା, ଓଲଟ ଶୁଆ ଏବଂ ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି । ତିନିରଥର ସମ୍ମୁଖ ଭାଗ ଚକ ଗୁଡ଼ିକର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱ ପଇ ସଂଯୋଗ ସ୍ଥାନରେ ଲୁହା ପ୍ଲେଟ୍ ମାନ ନଟ ବୋଲ୍ଟ ଦେଇ ମହାରଣା ସେବକ ମାନେ ଫିଟିଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି । ଦୋଳବେଦୀ ଠାରେ ପାହି ମହାରଣା ମାନେ ରଥ ଯାତ୍ରାରେ ମହାପ୍ରଭୁଙ୍କ ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀରଖିଛନ୍ତି । ତିନିରଥର ମହାରଣା ସେବକ ୭୭ ଜଣ, ଭୋଇ ସେବକ ୭୪ ଜଣ, ରୂପକାର ସେବକ ୨୧ ଜଣ, କରତୀ ସେବକ ୪ ଜଣ, ଓଝା କମାର ସେବକ ୨୦ ଜଣ, ଦ୍ରୁମ୍ଭ ବିନ୍ଧ କାରିଗର ୨ ଜଣ, ପାହି ମହାରଣା ୨ ଜଣ, ଚିତ୍ରକାର ୨୫ ଜଣ, ରଥଖଳା ସହାୟକ ୧ ଜଣ ମୋଟ ୨୨୬ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ଭକ୍ତି ଓ ଶ୍ରଦ୍ଧାର ସହ ନିମଗ୍ନ ରହିଛନ୍ତି ।

## ପିଲା ଚୋରି ଗୁଜବ ଭିଡ଼ ହିଂସା ପରେ କଲ୍ୟାଣସିଂହପୁର ପୁଲିସର ଫ୍ଲାଗ ମାର୍ଚ୍ଚ



କଲ୍ୟାଣସିଂହପୁର,୨୩/୬(ନି/ପ୍ର): କଲ୍ୟାଣସିଂହପୁର ଅଞ୍ଚଳରେ ପିଲା ଚୋରି ଗୁଜବକୁ କେନ୍ଦ୍ର କରି ଘଟିଥିବା ଭିଡ଼ ହିଂସା ଘଟଣା ପରେ ପରିସ୍ଥିତିକୁ ସ୍ୱାଭାବିକ ରଖିବା ଏବଂ ସାଧାରଣ ଲୋକଙ୍କ ମନରେ ଆଇନ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୁଲିସ ପକ୍ଷରୁ ରବିବାର ଫ୍ଲାଗ ମାର୍ଚ୍ଚ କରାଯାଇଛି । ରାୟଗଡ଼ା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ କଲ୍ୟାଣସିଂହପୁର ପୁଲିସ ଏହି ଫ୍ଲାଗ ମାର୍ଚ୍ଚର ଆୟୋଜନ କରିଥିଲା । କଲ୍ୟାଣସିଂହପୁର ଥାନା ପରିସରରୁ ଆରମ୍ଭ ହୋଇ ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଏହି ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା । ଏହି ଫ୍ଲାଗ ମାର୍ଚ୍ଚ ସମୟରେ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ସାଧାରଣ ଲୋକଙ୍କୁ କୌଣସି ଗୁଜବରେ ବିଶ୍ୱାସ ନ କରିବା, ଅପ୍ରମାଣିତ ସୂଚନା ପ୍ରଚାର ନ କରିବା ଏବଂ ଆଇନକୁ ନିଜ ହାତକୁ ନ ନେବା ପାଇଁ ସଚେତନ କରିଥିଲେ । ସେହିପରି ଯେକୌଣସି ସନ୍ଦେହଜନକ ଘଟଣା ସମ୍ପର୍କରେ ତୁରନ୍ତ ପୁଲିସକୁ ଅବଗତ କରିବାକୁ ଅନୁରୋଧ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ ସମ୍ପ୍ରତି ପିଲା ଚୋରି ସନ୍ଦେହକୁ କେନ୍ଦ୍ର କରି କଲ୍ୟାଣସିଂହପୁର ଅଂଚଳରେ ଭିଡ଼ ହିଂସା ଘଟିଥିଲା । ଏହି ଘଟଣା ପରେ ଅଂଚଳରେ ଭୟ ଭିତ ପରିବେଶ ସୃଷ୍ଟି ହୋଇଥିବା ବେଳେ ଶାନ୍ତି-ଶୃଙ୍ଖଳା ବଜାୟ ରଖିବା ଓ ଏପରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ପୁଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।ତେବେ ଏହି ଫ୍ଲାଗ ମାର୍ଚ୍ଚ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ କିମ୍ବା ପୁଲିସ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ଭଣ୍ଡାରିପୋଖରୀରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ଭଦ୍ରକ,୨୩/୬(ନି/ପ୍ର) :ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ବିଡ଼ିଓ ଦେବଦତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ଭାବେ ଏସକେ ମୁଜାମିଲ ଓ ମମତା ରାଉଳ ଯୋଗ ଦେଇଥିଲେ । ସାଂପ୍ରତିକ ସମୟରେ ବିଭିନ୍ନ ପ୍ରକାର ରୋଗ ଦେଖା ଦେଇଥିବା ବେଳେ ଏଥିରୁ ମୁକ୍ତି ପାଇବାକୁ ହେଲେ ଯୋଗ ଅପରିହାର୍ଯ୍ୟ ବୋଲି ପ୍ରଶିକ୍ଷକ ମତ ଦେଇଥିଲେ । ଏହି ଅବସରରେ ପ୍ରଶିକ୍ଷକ ମାନେ ବିଭିନ୍ନ ଶାରୀରିକ ଯୋଗ ପ୍ରଦର୍ଶିତ କରିଥିବା ବେଳେ କର୍ମଚାରୀ ମାନଙ୍କୁ ଏ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ଜିପିଓ ବିଳାସିନୀ ସେନାପତିଙ୍କ ସମେତ ସାନ୍ତ୍ୱନା ଦାସ, ଉଦୟ ନାଥ ବେଜ, ସୁଧାଂଶୁ ପାଢ଼ୀ ଶୋଭନ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ । ସେହିଭଳି ମଞ୍ଜୁରୀରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦିବସ ଡାକ୍ତର ଦେବାଶିଷ ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।ନାଆମୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ଡ଼ଃ ଅଜୟ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ଼ଃ ରଘୁନାଥ ସାହୁ ଯୋଗାଭ୍ୟାସ କରାଇଥିଲେ ।

# ଉତ୍କଳ ସମାଚାର

## ସମ୍ପାଦକୀୟ...

### ବୁଧବାର ୨୪ ଜୁନ୍ ୨୦୨୬

# ଯୋଗ ଓ ମହିଳା ସ୍ୱାସ୍ଥ୍ୟ

ଆଧୁନିକ ଚିକିତ୍ସାର ବିବିଧ କ୍ଷେତ୍ରରେ ଅସାଧାରଣ ପ୍ରଗତି ହୋଇଥିଲେ ମଧ୍ୟ ଆଜି ଶାରୀରିକ ଏବଂ ମାନସିକ ରୋଗୀଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଦେଖାଯାଉଛି । ମଣିଷକୁ ନୀରୋଗ ଏବଂ ଦୀର୍ଘଜୀବୀ କରି ରଖିବା ପାଇଁ ବିଶ୍ୱସ୍ତରରେ ବହୁ ଗବେଷଣା କରାଯାଇଛି ଏବଂ କରାଯାଉଛି; କିନ୍ତୁ ଏ ପର୍ଯ୍ୟନ୍ତ ଏ ବାବଦରେ କୌଣସି ଗୋଟିଏ ସର୍ବମାନ୍ୟ ସର୍ବସୁଲଭ ସୂତ୍ର ହସ୍ତଗତ ହୋଇପାରିନାହିଁ । ଅତି ପ୍ରାଚୀନ କାଳରୁ ସେଥିପାଇଁ ଭାରତୀୟ ଯୋଗବିଦ୍ୟା ବିଶାରଦମାନେ ଏହି ସ୍ଥୂଳଚିକିତ୍ସା ପଛରେ ନଧାଇଁ କେମିତି ସବୁ ରୋଗର ସୂକ୍ଷ୍ମସ୍ତରରେ ଚିକିତ୍ସା ହୋଇପାରିବ, ସେ ଦିଗରେ ଗହନ ଅନୁସନ୍ଧାନ କରିଥିଲେ । ଆଜିକାଲି ବୈଜ୍ଞାନିକମାନେ କହୁଛନ୍ତି ଦଶଭାଗ ରୋଗର କାରଣ ସ୍ଥୂଳଶରୀର ହେଲେ ବାକି ନବେ ଭାଗ ରୋଗର କାରଣ ସୂକ୍ଷ୍ମ ଶରୀର । ଅର୍ଥାତ୍ ଦୂଷିତମନ, ବିଚାର, ଭାବନା, କଳ୍ପନା ଇତ୍ୟାଦି । ଏକଥା ହଜାର ହଜାର ବର୍ଷ ତଳେ ଆମର ଦିବ୍ୟଦ୍ରଷ୍ଟା ଯୋଗୀ ଋଷିମାନେ ଜାଣି ସେଥିପାଇଁ ରୋଗର ସ୍ଥାୟୀ ପ୍ରତିକାର ସ୍ଥୂଳ ସ୍ତରରେ ନ କରି ସୂକ୍ଷ୍ମସ୍ତରର ସିଦ୍ଧଶକ୍ତି ମିଳି ଯାଉଥିଲା । ତା ଦ୍ୱାରା ସେମାନେ କେବଳ ରୋଗ ନିବାରଣରେ ସଫଳ ହୋଇଥିଲେ ତାହା ନୁହେଁ, ବରଂ ଦୀର୍ଘାୟୁ ଲାଭ କରୁଥିଲେ । ତେବେ ମହିଳା ମାନଙ୍କ ପାଇଁ ଯୋଗାସନର ପ୍ରାସଙ୍ଗିକତା ଅନେକ ଚର୍ଚ୍ଚା ସୃଷ୍ଟି କରୁଥିଲେ ବି ବିଶ୍ୱ ଯୋଗ ଦିବସ ଅବସରରେ ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ସମ୍ବନ୍ଧରେ କିଛି ଲେଖୁଛୁ । ବର୍ତ୍ତମାନର ପରିବର୍ତ୍ତିତ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଅନେକଙ୍କ ଠାରେ ବିଶେଷ କରି ମହିଳାଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଲାଗି ମୁଖ୍ୟତଃ ଦାୟୀ । ଏମିତିରେ ଦୈନିକ କିଛି ସମୟ ଯୋଗ କରିବା ସ୍ୱାସ୍ଥ୍ୟ ପକ୍ଷେ ବରଦାନ ସଦୃଶ । ଏହା ଶରୀରର ପଚଂ ଇନ୍ଦ୍ରିୟ, ସ୍ନାୟୁ ତନ୍ତ୍ର, ରକ୍ତନାଡ଼ି, ଶ୍ୱାସକ୍ରିୟା ଆଦିକୁ ସୁଚାରୁରୂପେ ସଚାଂଳନ କରିବାରେ ସାହାଯ୍ୟ କରିଥାଏ । ଏହାଦ୍ୱାରା ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆତ୍ମିକ ସବୁ କ୍ଷେତ୍ରର ବିକାଶ ସମ୍ଭବ ହୋଇଥାଏ । କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ଯୋଗ ପ୍ରତ୍ୟେକଙ୍କ ଲାଗି ଉପକାରୀ । ନିୟମିତ ଯୋଗାସନ କରିବା ଦ୍ୱାରା ମାନସିକ ସନ୍ତୁଳନ ରକ୍ଷା କରିଥାଏ । ଫଳରେ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି ହୋଇଥାଏ । ଚିଡ଼ିଚିଡ଼ା ପଣ, ଅବସାଦ ଆଦି ଦୂର ହୋଇ ମାନସିକ ଶାନ୍ତି ମିଳିଥାଏ । ଏହାର ଦ୍ୱାରା ଶରୀରରେ ହରମୋନ ପରିବର୍ତ୍ତନ ଯୋଗୁଁ ବିଶେଷ କରି ଋତୁସ୍ରାବ ବିରତି ପରେ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ । ଶରୀରରେ ନମନୀୟତା ଏବଂ ଶକ୍ତି ବୃଦ୍ଧି ପାଉଥିବାରୁ ଶାରୀରିକ ପୀଡ଼ା ବିଶେଷ କରି ପିଠି, ଆଣ୍ଠୁ ଗଣ୍ଠି, ବେକ ଆଦି ସ୍ଥାନରେ ହେଉଥିବା ଯନ୍ତ୍ରଣା ଶୀଘ୍ର ଭଲ ହୋଇଯାଇଥାଏ । ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସ କ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଂଚାଳନ ପ୍ରକ୍ରିୟା ସୁଚାରୁରୂପେ ହୋଇଥାଏ । ଫଳରେ ଶରୀରରେ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱର ଭଲ ହେବା ଯୋଗୁଁ ତ୍ୱଚା ଏବଂ ଅନ୍ତ ଅଙ୍ଗ ଗୁଡ଼ିକ ମଧ୍ୟ ସୁସ୍ଥ ରହିଥାଏ । ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ, ଉତ୍ସାହୀ ଏବଂ ଖୁସି ରଖିଥାଏ । ସୁଚାରୁରୂପେ ଶ୍ୱାସ ପ୍ରକ୍ରିୟାର ସମ୍ପାଦନ କରିବାରେ ବି ଯୋଗାସନର ଭୂମିକା ରହିଛି । ଏହା ବ୍ୟତୀତ ଶାରୀରିକ କାର୍ଯ୍ୟଦକ୍ଷତା ଏବଂ ସହନଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଯେଉଁ ମହିଳାମାନେ ଅଧିକ ସମୟ ଧରି ଗୋଟେ ସ୍ଥାନରେ ଠିଆ ହୋଇ ରୋଷେଇ କରୁଛନ୍ତି, ବସି ଅଫିସରେ କାମ କରୁଛନ୍ତି କିମ୍ବା ଗାଡ଼ି ଚଳାଉଛନ୍ତି ସେମାନେ ନିୟମିତ ଯୋଗ କରିବା ଜରୁରୀ । ବର୍ତ୍ତମାନ ମେଦ ବହୁଳତା ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ଼ ସମସ୍ୟା ପାଲଟିଛି । ଆଉ ଏଥିଯୋଗୁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା କମାଇ ଫିଟ ରଖିବା ଲାଗି ଯୋଗାସନ ବେଶ ଉପକାରୀ । ଯୋଗାସନ କରିବା ଦ୍ୱାରା ହାର୍ଟ ଏବଂ ଧମନୀ ସୁସ୍ଥ ରହିଥାଏ । ଅପରପକ୍ଷେ ରକ୍ତ ସଚାଂଳନ ଭଲ ଭାବେ ହେବା କାରଣରୁ ମଧ୍ୟ ହୃଦ୍‌ରୋଗ ଆଶଙ୍କା କମିଥାଏ । ନିୟମିତ ଯୋଗାଭ୍ୟାସ କଲେ ଦୃଷ୍ଟିଶକ୍ତି ଏବଂ ପାଚନ ଶକ୍ତି ବୃଦ୍ଧି ପାଇଥାଏ । ଏହା ମାଂସପେଶୀଗୁଡ଼ିକୁ ଶକ୍ତି ପ୍ରଦାନ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବଳିଷ୍ଠ କରିଥାଏ । ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ୍ୟ ଯୋଗାସନ ଫଳପ୍ରଦ । କେବଳ ଏତିକି ନୁହେଁ ନିୟମିତ ଯୋଗ କରିବା ଦ୍ୱାରା ସ୍ତନକର୍କଟ ଆଶଙ୍କା ମଧ୍ୟ କମିଥାଏ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ନିଦ୍ରାହୀନତା ଭୋଗୁଥିବା ମହିଳାଙ୍କ ଲାଗି ଏହା ଅତି ଉତ୍ତମ । ଯୋଗ ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ । ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିଥାଏ । କେଶ ମଜଭୁତ୍ ରହିଥାଏ । ଶରୀରର ଗଠନକୁ ଏହା ସୁଠାମ କରିଥାଏ । ଯୋଗ କରିବାର ଉପଯୁକ୍ତ ସମୟ ହେଉଛି ସୂର୍ଯ୍ୟୋଦୟର ଅଧ ଘଟାଂ ପୂର୍ବରୁ ସୂର୍ଯ୍ୟୋଦୟର ଏକ ଘଟାଂ ପର୍ଯ୍ୟନ୍ତ । ତେଣୁ ଦିନର ଅନ୍ୟ କୌଣସି ସମୟ ଅପେକ୍ଷା ଆପଣ ଯଦି ଏହି ଦେଢଘଟାଂ ସମୟ ମଧ୍ୟରେ ଯୋଗ କରୁଛନ୍ତି ତେବେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇ ପାରିବେ । ଯୋଗ କେବଳ ଶାରୀରିକ ନୁହେଁ ମାନସିକ ସ୍ତରରେ ମଧ୍ୟ ପ୍ରଭାବ ପକାଇଥାଏ । ତେଣୁ ଆଦୌ ତରତର ହୋଇ ଯୋଗ କରନ୍ତୁ ନାହିଁ । ଯୋଗ କରିବା ସମୟରେ ମନକୁ ସ୍ଥିର ରଖନ୍ତୁ । ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇପାରେ । ଯୋଗ କରିବାର ପ୍ରାରମ୍ଭିକ ଦିନ ଗୁଡ଼ିକରେ ଅଧିକାଂଶ ମହିଳା ଏକାସଙ୍ଗେ ବହୁତ ଯୋଗାସନ ତାହା ପୁଣି ଅଧିକ ସମୟ ପାଇଁ କରିଥାନ୍ତି । ହେଲେ ଯୋଗ କରିବାର ଶୀଘ୍ର ଫଳ ପାଇବା ଆଶାରେ ଏପରି କରିବା ଠିକ୍ ନୁହେଁ । କାରଣ ସମସ୍ତଙ୍କ ଶାରୀରିକ କ୍ଷମତା ଭିନ୍ନ ଭିନ୍ନ । ତେଣୁ ଆବଶ୍ୟକତାରୁ ଅଧିକ ଯୋଗ ଏକାଦିନେ କରିବା ଦ୍ୱାରା ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ତେଣୁ ପ୍ରାରମ୍ଭିକ ଦିନ ଗୁଡ଼ିକରେ ଅଳ୍ପ ଅଳ୍ପ ଯୋଗାସନ କରନ୍ତୁ ଏବଂ ଧୀରେ ଧୀରେ ଅଭ୍ୟାସ ହେବା ପରେ ଏହା ସମୟସୀମା ବଢ଼ାନ୍ତୁ । ଯଦି ଆପଣ ଗର୍ଭବତୀ ତେବେ ପୂର୍ବରୁ କରୁଥିବା ଯୋଗାସନ ନ କରି ଏ ସମୟରେ କେଉଁ ଯୋଗ କରିବା ଦରକାର ଏକ୍ସପର୍ଟଙ୍କ ପରାମର୍ଶ ନେବାପରେ କରନ୍ତୁ । ଠିକ୍ ସେହିପରି ଋତୁସ୍ରାବ ସମୟରେ ମଧ୍ୟ ଏଥିପ୍ରତି ସତର୍କ ରହିବା ଆବଶ୍ୟକ । କାରଣ ଋତୁସ୍ରାବ ସମୟରେ ଅତ୍ୟଧିକ ରକ୍ତସ୍ରାବ ହେଉଥିଲେ ଯୋଗାସନ କରନ୍ତୁ ନାହିଁ । ସେହିପରି କୌଣସି ଜଟିଳ ଅପରେସନ ହୋଇଥିଲେ ଯୋଗାସନ ନିଷେଧ । ଯୋଗାସନ କେବେ ବେଡ଼, ସୋଫା ଭଳି ସୁବିଧାଜନକ ସ୍ଥାନରେ ବସି କରନ୍ତୁ ନାହିଁ । ଏହା ବଦଳରେ ଚଟାଣ ଉପରେ ଆସନ ବିଛାଇ ଯୋଗ କରନ୍ତୁ । ଯୋଗ କରିବା ଦିନ ଗୁଡ଼ିକରେ ଏହାର ଉପକାରିତା

# ଷ୍ଟାଣ୍ଡ-ଅପ୍ ଟ୍ରାଜେଡି : ଯାନ୍ତ୍ରିକ ଡାକ୍ତର !

ଜଣେ ଡାକ୍ତର ଏକ 'କାଡାଭର୍'ଠାରୁ ଆନାଟୋମି ଶିକ୍ଷା କରିଥାନ୍ତି, କିନ୍ତୁ ସେଇ 'କାଡାଭର୍' ପ୍ରତି ସମ୍ମାନ ପ୍ରଦର୍ଶନ ଦ୍ୱାରା ସେ ମାନବିକତା ଶିକ୍ଷା କରିଥାନ୍ତି । ଯେତେବେଳେ ସେ ସେଇ ସମ୍ମାନବୋଧ ହରାଇ ବସନ୍ତି, ସେତେବେଳେ ଚିକିତ୍ସା ବିଜ୍ଞାନ ପରିଣତ ହୋଇଯାଏ ଏକ ବିବେକହୀନ ବିଜ୍ଞାନରେ; ସେ ଡାକ୍ତର ପରିଣତ ହୋଇଯାଆନ୍ତି ଏକ ଯାନ୍ତ୍ରିକ ରୋବଟ୍‌ରେ । ଆଜିକାଲି 'ଷ୍ଟାଣ୍ଡ-ଅପ୍ କମେଡି' ମନୋରଞ୍ଜନର ଏକ ମୁଖ୍ୟ ମାଧ୍ୟମରେ ପରିଣତ ହୋଇଛି । ଖ୍ୟାତନାମା ଷ୍ଟାଣ୍ଡ-ଅପ୍ କମେଡିଆନ୍‌ମାନଙ୍କର ଅନୁଗାମୀମାନଙ୍କର ସଂଖ୍ୟା ପ୍ରସିଦ୍ଧ ଚିତ୍ର ତାରକାମାନଙ୍କର ଅନୁଗାମୀ ସଂଖ୍ୟା ସହିତ ତୁଳନୀୟ ହୋଇଥାଏ । ନିଜର ସୋ'କୁ ପ୍ରତିଦ୍ୱନ୍ଦ୍ୱୀମାନଙ୍କର ସୋ'ଠାରୁ ଅଧିକ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ସେମାନେ ସର୍ବଦା ନୂଆ ନୂଆ କୌଶଳ ଅନୁସନ୍ଧାନ କରିଥାନ୍ତି । ଅନ୍ୟର ଦୋଷଦୁର୍ବଳତା ଅନାବୃତ କରି ସେଥିପ୍ରତି ବ୍ୟଙ୍ଗବିଦ୍ରୂପ କରିବା ହେଉଛି ଷ୍ଟାଣ୍ଡ-ଅପ୍ କମେଡିର ମୁଖ୍ୟ ଆଧାର । ଏଇ ବ୍ୟଙ୍ଗବିଦ୍ରୂପକୁ ଯେତେ ଚାଂଚଲ୍ୟକର କରାଯାଇ ପାରିବ, ତାହା ଦର୍ଶକମାନଙ୍କର ଦୃଷ୍ଟି ଆକର୍ଷଣ କରିବାରେ ସେତେ ସଫଳ ହେବ ବୋଲି ଏଇ କମେଡିଆନ୍‌ମାନେ ବିଶ୍ୱାସ କରିଥାନ୍ତି । ଶାଳୀନତା, ଶିଷ୍ଟାଚାର ଆଦିର ଉଲ୍ଲଂଘନ ସର୍ବଦା ଚାଂଚଲ୍ୟ ସୃଷ୍ଟିକାରୀ ହୋଇଥିବାରୁ ଷ୍ଟାଣ୍ଡ-ଅପ୍ କମେଡିଆନ୍‌ମାନେ ଅନେକ ସମୟରେ ସଭ୍ୟତାର ଏଇ ସୀମାରେଖାମାନ ଅତିକ୍ରମ କରିବା ଏକ ନିୟମିତ ଧାରାରେ ପରିଣତ ହୋଇସାରିଛି, ଯାହା କାହାରିଠାରେ ଭ୍ରୂ-କୁଂଚନ ସୃଷ୍ଟି କରି ନ ଥାଏ । କିନ୍ତୁ ବେଳେବେଳେ ଏଇ ଚାଂଚଲ୍ୟର ଅନୁଧାବନ ଏପରି ମାନବିକତାର ନଗ୍ନ ଉଲ୍ଲଂଘନରେ ପରିଣତ ହୋଇଥାଏ, ଯାହା ସମାଜରେ ଏକ ଭୟଙ୍କର ପ୍ରତିକ୍ରିୟାର ଝଡ଼ର ସୂତ୍ରପାତ କରିଦେଇଥାଏ । ଯେମିତି ଏବେ କେତେଦିନ ତଳେ ଗୁରୁଗ୍ରାମଠାରେ ଅନୁଷ୍ଠିତ ଏକ କମେଡି ସୋ'ରେ ଷ୍ଟାଣ୍ଡ-ଅପ୍ କମେଡିଆନ୍ ପ୍ରଣୀତ ମୋରେ ଓ ମୁମ୍ବାଇର ଏକ ମର୍ଯ୍ୟାଦାଜନକ ମେଡିକାଲ କଲେଜର ଛାତ୍ରୀ ସେଜଲ୍ ପାଓ୍ୱାରଙ୍କର ପ୍ରଦର୍ଶନକୁ କେନ୍ଦ୍ର କରି ସୃଷ୍ଟି ହୋଇଛି । କୌଣସି ଗୌରଚନ୍ଦ୍ରିକା ନ କରି କହିଲେ, କମେଡିଆନ୍ ମୋରେଙ୍କର ଏକ ପ୍ରଶ୍ନର ଉତ୍ତର ଦେଇ ଡାକ୍ତରୀ ଛାତ୍ରୀ ଜଣକ ତାଙ୍କର ଅନାଟୋମି କ୍ଲାସ୍ ?ରେ ବ୍ୟବହୃତ ମୃତଦେହ (କାଡାଭର୍)ମାନଙ୍କ ସଂପର୍କରେ ଏକ ଅତ୍ୟନ୍ତ ଅଶ୍ଳୀଳ, ଅପମାନଜନକ, ମାନବିକତାହୀନ ମନ୍ତବ୍ୟ ପ୍ରଦାନ କରିଥିଲେ, ଯାହା ମଧ୍ୟ ଚରମ ଅକୃତଜ୍ଞତାର ଏକ ଗଭୀର ଛାପ ବହନ କରିଥାଏ । (ଏହି ପ୍ରଶ୍ନୋତ୍ତର ଏଠାରେ ଉଦ୍ଧାର କରାଯାଇ ପାରିବ ନାହିଁ ।) ଘଟଣାର ଗୁରୁତ୍ୱ ହୃଦୟଙ୍ଗମ କରି ମହାରାଷ୍ଟ୍ର ପୁଲିସ ସଂପୃକ୍ତ ଚରିତ୍ରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବା ବେଳେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ସଂପୃକ୍ତ 'କେଇଏମ୍ ମେଡିକାଲ କଲେଜ' କର୍ତ୍ତୃପକ୍ଷ ସେଇ ଛାତ୍ରୀଙ୍କୁ ସାମୟିକ ଭାବରେ ବହିଷ୍କୃତ କରି ବିଧିବଦ୍ଧ ଅନୁସନ୍ଧାନ ଆରମ୍ଭ କରିଦେଇଛି । ସେଜଲ୍ ପାଓ୍ୱାରଙ୍କ କାର୍ଯ୍ୟ ସମଗ୍ର ଦେଶରେ ଡାକ୍ତରୀ ବୃତ୍ତିଧାରୀମାନଙ୍କୁ ହତଭମ୍ଭ କରିଦେଇଛି । ଷ୍ଟାଣ୍ଡ-ଅପ୍ କମେଡିଆନ୍‌ମାନେ ଏ ପର୍ଯ୍ୟନ୍ତ କେବଳ ଜୀବନ୍ତ ବ୍ୟକ୍ତିମାନଙ୍କୁ ବ୍ୟଙ୍ଗବିଦ୍ରୂପ କରି ଆସୁଥିଲେ; ମୋରେ-ପାଓ୍ୱାର ଯୋଡ଼ି ଏଥର ଏକ ନିଷିଦ୍ଧ ଇଲାକାରେ ପ୍ରବେଶ କରି ମୃତଦେହକୁ ମଧ୍ୟ ସେମାନଙ୍କର ବିଦ୍ରୂପର ନିଶାଣ କରିବାକୁ ଆଗେଇ ଆସିଛନ୍ତି । ସେମାନଙ୍କ ଦୃଷ୍ଟିରେ ସତେ ଯେମିତି ଆନାଟୋମି କ୍ଲାସ୍ ?ରେ ଟେବୁଲ ଉପରେ ଶୁଆଇ ଦିଆଯାଇଥିବା ମୃତ ଶରୀରଟି ହେଉଛି ଏକ ବସ୍ତୁ ମାତ୍ର । ସେ କିନ୍ତୁ ହେଉଛନ୍ତି ଜଣେ ମନୁଷ୍ୟ ଯିଏ ନିଜର ମୃତ୍ୟୁ ପରେ ଏକ ଚରମ ବଦାନ୍ୟତା ପ୍ରଦର୍ଶନ କରି ସେଜଲ୍ ପାଓ୍ୱାରଙ୍କ ଭଳି ଡାକ୍ତରୀ ଛାତ୍ରଛାତ୍ରୀମାନେ ଶିକ୍ଷା ଲାଭ କରିବାରେ ସହାୟକ ହେବା ଲାଗି ନିଜର ଶରୀରକୁ ଦାନ କରିଦେଇଥାନ୍ତି । ବାସ୍ତବରେ ସେ ଡିସେକ୍‌ସନ ଟେବୁଲ ଉପରେ ଶାୟିତ ନିର୍ଜୀବ ମନୁଷ୍ୟ ଜଣକ ହେଉଛନ୍ତି ଜଣେ ନିରବ ଶିକ୍ଷକ । ସେଇଥିପାଇଁ ଏଇ ବଦାନ୍ୟ ଶିକ୍ଷକଙ୍କୁ ବିଧିବଦ୍ଧ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ନିମିତ୍ତ ପୃଥିବୀ ସାରା ଅଧିକରୁ ଅଧିକ ମେଡିକାଲ କଲେଜମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ଏକ 'କାଡାଭରିକ୍ ଓଥ୍' ବା 'ମୃତ ଶରୀର ଶପଥ' ପ୍ରଦାନ କରାଯିବା ପରିଲକ୍ଷିତ ହୋଇଥାଏ । ଭାରତରେ 'ନେସନାଲ୍ ମେଡିକାଲ କମିସନ' ('ଏନ୍‌ଏମ୍‌ସି')ଙ୍କ ନିର୍ଦ୍ଦେଶରେ ଶରୀର ଦାନକାରୀମାନଙ୍କୁ କୃତଜ୍ଞତା ଓ ସମ୍ମାନ ପ୍ରଦର୍ଶନ ସ୍ୱରୂପ ସେମାନଙ୍କୁ 'ପ୍ରଥମ ଶିକ୍ଷକ' ରୂପେ ଅଭିହିତ କରାଯାଇ ୨୦୨୦ ଠାରୁ ପ୍ରଥମ ବାର୍ଷିକ ଡାକ୍ତରୀ ଛାତ୍ରଛାତ୍ରୀମାନେ ଏକ ଗମ୍ଭୀର 'କାଡାଭରିକ୍ ଓଥ୍' ଗ୍ରହଣ କରିବା ପ୍ରଥା କାର୍ଯ୍ୟକାରୀ ହୋଇଛି । ଏଇ ଶପଥ ହେଉଛି ପ୍ରଥମ-ବର୍ଷ 'ଏମ୍‌ବିବିଏସ୍' ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ନୈତିକତା ପାଠ ('ଆଟିଚ୍ୟୁଡ୍, ଏଥିକ୍‌ସ ଆଣ୍ଡ କମ୍ୟୁନିକେସନ୍')ର ଏକ ବାଧ୍ୟତାମୂଳକ ଅଂଶ । ଏପରି ଏକ ମୃତ ଶରୀରକୁ ବ୍ୟଙ୍ଗବିଦ୍ରୂପର ନିଶାଣ କରିବା ତେଣୁ ହେଉଛି ଡାକ୍ତରୀ ଶିକ୍ଷାର ଅନ୍ତଃସ୍ଥଳରେ ଥିବା ଏକ ନୈତିକ ଚୁକ୍ତିର ଖିଲାପ । ମୋରେ-ପାଓ୍ୱାରଙ୍କ କାଣ୍ଡ ତେଣୁ ସ୍ୱାଭାବିକ ଭାବରେ ଡାକ୍ତରୀ ଶିକ୍ଷା ଓ ବୃତି ପରିସରରେ ଏକ ଭୀଷଣ ହଇଚଇ ସୃଷ୍ଟି କରିଦେଇଛି । ଏହି ପ୍ରତ୍ୟକ୍ଷ ସଂପର୍କ ଥିବା ପରିସରକୁ ଅତିକ୍ରମ କରି ବୃହତର ସମାଜରେ ଏହା ଯେଉଁ କ୍ରୋଧିତ ପ୍ରତିକ୍ରିୟା ସୃଷ୍ଟି କରିଛି, ତା' ପଛରେ ଦୁଇଟି ଅନ୍ୟ କାରଣ ନିହିତ ଅଛି । ଗୋଟିଏ ହେଲା- ମୃତ ଶରୀରକୁ ଅପମାନିତ କରି ଏଇ ଯୋଡ଼ି ଏକ ଚିରନ୍ତନ ସାମାଜିକ ପରମ୍ପରା ଓ ସଂସ୍କୃତିର ଉଲ୍ଲଂଘନ କରିଛନ୍ତି, ଯେଉଁଥିରେ ସର୍ବଦା ମୃତ ଶରୀରକୁ ଗଭୀର ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ସେଇଥିପାଇଁ ପ୍ରତ୍ୟେକ ଧର୍ମ ଓ ସମାଜରେ ମୃତ ଶରୀରର ଶେଷକୃତ୍ୟ ସଂପାଦନ ନିମିତ କଠୋର ବିଧିମାନ ଅନୁସୃତ ହୋଇଥାଏ । ଏଇ ସମ୍ମାନର ପ୍ରତିଫଳନ ସ୍ୱରୂପ ମୃତ୍ୟୁ ପରେ ମଧ୍ୟ ବିଭିନ୍ନ ଧର୍ମ କିମ୍ବା ସଂସ୍କୃତିରେ ବିଭିନ୍ନ ଅବଧି ପାଇଁ ଦିବଂଗତଙ୍କ ଉଦ୍ଦେଶ୍ୟରେ ଶୋକ ପାଳନ କରାଯାଇଥାଏ ଏବଂ ବିଭିନ୍ନ ସମୟରେ ସେମାନଙ୍କୁ ସ୍ମରଣ କରାଯାଇଥାଏ- ଯେମିତି ହିନ୍ଦୁମାନଙ୍କର ଶ୍ରାଦ୍ଧ ସମୟରେ । ବାସ୍ତବରେ ମୃତକଙ୍କ ପ୍ରତି ଜୀବିତମାନଙ୍କର ଆଚରଣକୁ ସଭ୍ୟତାର ଅନ୍ୟତମ ମାପକାଠି ରୂପେ ବିଚାର କରାଯାଇଥାଏ । ପ୍ରାଚୀନ କାଳରୁ ବର୍ତମାନ ପର୍ଯ୍ୟନ୍ତ ଏହା ପରିଦୃଷ୍ଟ ହୋଇ ଆସିଛି । ପ୍ରାଚୀନ ଗ୍ରୀକ୍ ନାଟ୍ୟକାର ସୋଫୋକ୍ଲସଙ୍କର ପ୍ରସିଦ୍ଧ ନାଟକ 'ଆଟିଂଗନି'ର କାହାଣୀର କେନ୍ଦ୍ରସ୍ଥଳରେ ଯେଉଁ ନୈତିକ ଓ ଧର୍ମୀୟ ଦ୍ୱନ୍ଦ୍ୱ ଅବସ୍ଥାନ କରିଥାଏ, ତାହା ହେଉଛି- ମୃତକଙ୍କ ପ୍ରତି ସମ୍ମାନ । ନାଟକରେ ନାୟିକା ଆଟିଂଗନି ରାଜା କ୍ରିଅନ୍‌ଙ୍କ ଆଦେଶକୁ ଅବଜ୍ଞା କରି ନିଜ ଭାଇଙ୍କର ମୃତଦେହକୁ କବର ଦେଇଛନ୍ତି, କାରଣ ତାଙ୍କ ବିଚାରରେ ମୃତକଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ହେଉଛି ଦୈବାଦେଶ, ଯାହା ରାଜାଦେଶଠାରୁ ଉଚ୍ଚତର । ଭାଇ ପଲିନିସିଜ୍‌ଙ୍କ ମୃତଦେହକୁ ସମ୍ମାନ ପ୍ରଦର୍ଶନ ପୂର୍ବକ କବର ଦେବା ହେଉଛି ତାଙ୍କର ପବିତ୍ର କର୍ତବ୍ୟ ବୋଲି ଆଟିଂଗନି ଦୃଢ଼ ଭାବରେ ବିଶ୍ୱାସ କରନ୍ତି । ସେଜଲ୍ ପାଓ୍ୱାର ଆଟିଂଗନିଙ୍କର ଠିକ୍ ବିପରୀତ ଆଚରଣ ପ୍ରଦର୍ଶନ କରି ସମାଜର ରୋଷ ଦୃଷ୍ଟିରେ ପଡ଼ିଛନ୍ତି । ଅନ୍ୟଟି ହେଲା- କେବଳ ଏଇ ଘଟଣା ନୁହେଁ, ନିକଟ ଅତୀତରେ ଏକାଧିକ ଘଟଣାରେ ଅନ୍ୟ କେତେକ ଷ୍ଟାଣ୍ଡ-ଅପ୍ କମେଡିଆନ୍‌ମାନେ ମଧ୍ୟ ବିଭିନ୍ନ ନିଷିଦ୍ଧ ଇଲାକାରେ ପ୍ରବେଶ କରି ଅତ୍ୟନ୍ତ ସମ୍ବେଦନହୀନ ଆଚରଣ ପ୍ରଦର୍ଶନ କରିବା ଦେଖାଯାଇଛି । ଯେମିତି ଉଦାହରଣ ସ୍ୱରୂପ ପ୍ରାୟ ବର୍ଷକ ପୂର୍ବେ ଭିନ୍ନକ୍ଷମମାନଙ୍କୁ ସେମାନଙ୍କର କମେଡି ସୋ'ରେ ବିଦ୍ରୂପ କରିଥିବାରୁ ଷ୍ଟାଣ୍ଡ-ଅପ୍ କମେଡିଆନ୍ ସମୟ ରାଇନା, ବିପୁଲ ଗୋୟଲ, ବଲରାଜ ଘାଇ, ନିଶାନ୍ତ ତନ୍‌ଓ୍ୱାର ଓ ସୋନାଲି ଠକ୍‌କରଙ୍କୁ ସୁପ୍ରିମ୍ କୋର୍ଟ କଡ଼ୁ ଭର୍ତ୍ସନା କରି ସେଥିପାଇଁ ନିଃସର୍ତ କ୍ଷମାପ୍ରାର୍ଥନା କରିବା ଲାଗି କଡ଼ା ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମ୍ କୋର୍ଟ ସେତେବେଳେ ସ୍ପଷ୍ଟ କରିଦେଇଥିଲେ ଯେ ନାଗରିକଙ୍କୁ ପ୍ରଦାନ କରାଯାଇଥିବା ବାକ୍ ସ୍ୱାଧୀନତା ଷ୍ଟାଣ୍ଡ-ଅପ୍ କମେଡିଆନ୍‌ମାନେ ନିଜର ବ୍ୟବସାୟ ଉଦ୍ଦେଶ୍ୟରେ ଦାବି କରିପାରିବେ ନାହିଁ । ଏଥିରେ ସନ୍ଦେହ ନାହିଁ ଯେ କମେଡି ବା ହାସ୍ୟରସ ହେଉଛି ଏକ ମୂଲ୍ୟବାନ ସାମାଜିକ ଅନୁଷ୍ଠାନ । ଅହଙ୍କାର, ଭ୍ରଷ୍ଟାଚାର ଆଦିକୁ ଲୋକଲୋଚନକୁ ଆଣିବା ପାଇଁ ଏହା ଏକ ଅତ୍ୟନ୍ତ ଫଳପ୍ରଦ ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ । କିନ୍ତୁ ଏଇ କମେଡିଆନ୍‌ମାନେ ଅହଙ୍କାରୀ ଓ ଅସହାୟ ମଧ୍ୟରେ ତଫାତ୍ ବୁଝିବା ଜରୁରି । ନିଜର ପ୍ରତିକ୍ରିୟା ପ୍ରକାଶ କରିବାକୁ ଅସମର୍ଥ ଏକ ମୃତ ଶରୀର କିମ୍ବା ନିଜର ଶାରୀରିକ ଅକ୍ଷମତା ପରିତ୍ୟାଗ କରିବା ପାଇଁ ଅସମର୍ଥ ଜଣେ ଭିନ୍ନକ୍ଷମଙ୍କ ଉପରେ ବାଚନିକ ଆକ୍ରମଣ ବାସ୍ତବରେ ଏକ 'ଷ୍ଟାଣ୍ଡ-ଅପ୍ ଟ୍ରାଜେଡି'ରେ ପରିଣତ ହୋଇ ସଂପୃକ୍ତ ଷ୍ଟାଣ୍ଡ-ଅପ୍ କମେଡିଆନ୍‌ଙ୍କର କାପୁରୁଷତାକୁ ଉନ୍ମୋଚିତ କରିଥାଏ ଯାହା । ଗୁରୁଗ୍ରାମ ଘଟଣା ଡାକ୍ତରୀ ବୃତ୍ତି ପାଇଁ ଏକ ବିଶେଷ ଶିକ୍ଷା ବହନ କରିଥାଏ । ତାହା ହେଲା- ନୈତିକ ସମ୍ବେଦନଶୀଳତା ବିନା ପେସାଦାର ଦକ୍ଷତା ବିପଜ୍ଜନକ ହୋଇଥାଏ । ଜଣେ ଡାକ୍ତର ଏକ 'କାଡାଭର୍'ଠାରୁ ଆନାଟୋମି ଶିକ୍ଷା କରିଥାନ୍ତି, କିନ୍ତୁ ସେଇ 'କାଡାଭର୍' ପ୍ରତି ସମ୍ମାନ ପ୍ରଦର୍ଶନ ଦ୍ୱାରା ସେ ମାନବିକତା ଶିକ୍ଷା କରିଥାନ୍ତି । ଯେତେବେଳେ ସେ ସେଇ ସମ୍ମାନବୋଧ ହରାଇ ବସନ୍ତି, ସେତେବେଳେ ଚିକିତ୍ସା ବିଜ୍ଞାନ ପରିଣତ ହୋଇଯାଏ ଏକ ବିବେକହୀନ ବିଜ୍ଞାନରେ; ସେ ଡାକ୍ତର ପରିଣତ ହୋଇଯାଆନ୍ତି ଏକ ଯାନ୍ତ୍ରିକ ରୋବଟ୍‌ରେ । ଜୀବନ୍ତ ଦେବତା ରୂପେ ବିବେଚିତ ଡାକ୍ତରମାନଙ୍କଠାରୁ ଏଇ ଯାନ୍ତ୍ରିକ ଡାକ୍ତର କେତେ ଭିନ୍ନ ସତେ ! ସେଜଲ୍ ପାଓ୍ୱାର ହେଉଛନ୍ତି ତାହାର ମୂର୍ତିମନ୍ତ ପ୍ରମାଣ ।

# ପରାସ୍ତ ସମ୍ରାଟ

ବିଶ୍ୱବାସୀଙ୍କୁ ଆମେରିକାର ପରାକ୍ରମ ଦେଖାଇବାକୁ ଟ୍ରମ୍ପ ଏଇ ଯୁଦ୍ଧ ଆରମ୍ଭ କରିଥିଲେ; ହେଲେ ଏବେ ଫଳ ହୋଇଛି ଠିକ୍ ତା'ର ବିପରୀତ । ଆମେରିକାର ଶକ୍ତି କିଭଳି ସୀମିତ, ଇରାନ ବିଶ୍ୱବାସୀଙ୍କୁ ତାହା ଦେଖାଇ ଦେଇଛି । ପୂର୍ବରୁ ଭିଏତ୍ ?ନାମରୁ ଆଫଗାନିସ୍ତାନ ପର୍ଯ୍ୟନ୍ତ ଆମେରିକା ଯେଉଁ ଦଶା ଭୋଗ କରିଥିଲା, ଇରାନରେ ତାହାର ପୁନରାବୃତ୍ତି ଘଟିଛି- କେବଳ ଏକମାତ୍ର ଫରକ ହେଲା ଆମେରିକୀୟ ସେ ?ନ୍ୟମାନେ ଇରାନରେ ପ୍ରବେଶ କରି ନ ଥିବାରୁ, ସେଠାରେ ନରମେଧରୁ ବର୍ତ୍ତି ଯାଇଛନ୍ତି । ଅତ୍ୟାଚାରୀ ଏକଛତ୍ର ଶାସକ କାଲିଗୁଲାଙ୍କ ପରି ପ୍ରାଚୀନ ରୋମାନ ସମ୍ରାଟମାନେ ସେମାନଙ୍କର ମନୋରଞ୍ଜନ ପାଇଁ କଲୋସିଅମ ଭିତରେ ମନୁଷ୍ୟ ଓ ସିଂହ ଭଳି ହିଂସ୍ର ଜନ୍ତୁ ମଧ୍ୟରେ ଲଢ଼େଇ ଆୟୋଜନ କରିବା କଥା ଇତିହାସ କହିଥାଏ । ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚିତ ମୁଖ୍ୟ ହୋଇଥିଲେ ହେଁ ତାଙ୍କର ସମ୍ରାଟସୁଲଭ ମନମୁଖୀ କାର୍ଯ୍ୟକଳାପ ଦେଖି ତା' ବିରୁଦ୍ଧରେ ସେଠାରେ ନିୟମିତ ବ୍ୟବଧାନରେ ଦେଶବ୍ୟାପୀ 'ନୋ କିଙ୍ଗସ' ପ୍ରତିବାଦମାନ ପ୍ରଦର୍ଶିତ ହେବା ଦେଖାଯାଇଥାଏ । ଏହା କିନ୍ତୁ ତାଙ୍କ ଉପରେ ଯେ ସାମାନ୍ୟତମ ପ୍ରଭାବ ପକାଇ ପାରିନାହିଁ, ତାହାର ପ୍ରମାଣ ଦେଖିବାକୁ ମିଳିଥିଲା ଗତ ରବିବାର ଦିନ ଟ୍ରମ୍ପ ହ୍ୱାଇଟ ହାଉସ ଠାରେ ଆୟୋଜନ କରିଥିବା ନିଜର ୮୦ତମ ଜନ୍ମଦିନ ପାଳନ ଶୈଳୀରେ । ସେଦିନ ସେ ତାଙ୍କର ସେଇ ଐତିହ୍ୟସଂପନ୍ନ ବାସଭବନ ପରିସରରେ କାଲିଗୁଲାଙ୍କୁ ଅନୁସରଣ କଲାଭଳି ଏକ ବିଶାଳ ପଞ୍ଜୁରି ସ୍ଥାପନ କରି ତା' ଭିତରେ ଦୁଇଜଣ ମିଶ୍ରିତ ମାର୍ସିଆଲ ଆର୍ଟ ଯୋଦ୍ଧାଙ୍କ ମଧ୍ୟରେ ଏକ ନିର୍ମମ ଲଢ଼େଇ ବା 'କେଜ୍ ଫାଇଟ' ଆୟୋଜନ କରି ପଞ୍ଜୁରି ଧାରରେ ନିଜର ମିତ୍ରମାନଙ୍କ ସହିତ ବସି ସେ ରକ୍ତାକ୍ତ ହିଂସ୍ର ଦୃଶ୍ୟକୁ ମନଭରି ଉପଭୋଗ କରିଥିଲେ । (ଟ୍ରମ୍ପଙ୍କର ଉପଭୋଗକୁ ସଂପୂର୍ଣ୍ଣ କରିବା ପାଇଁ ବିଜୟୀ ଯୋଦ୍ଧା ଜଣକ ବିନା କାରଣ ଓ ପ୍ରସଙ୍ଗରେ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ପତ୍ନୀ ମିସେଲ ଓବାମା ହେଉଛନ୍ତି ଜଣେ ପୁରୁଷ ବୋଲି ଘୋଷଣା କରିଥିଲେ, ଯାହା ପ୍ରତିକ୍ରିୟା ସ୍ୱରୂପ ଟ୍ରମ୍ପଙ୍କ ଠାରେ ଏକ ଆମୋଦିତ ସ୍ମିତହାସ୍ୟ ସୃଷ୍ଟି କରିଥିଲା ।) ସମ୍ରାଟ ଟ୍ରମ୍ପ ନିଜର ଜନ୍ମଦିନ ପାଳନକୁ କେବଳ ଏଇ ଅସଭ୍ୟ ଉତ୍ସବ ପାଳନରେ ସୀମିତ ରଖି ନ ଥିଲେ । ସେ ସେଦିନ ନିଜ ପାଇଁ ଅନ୍ୟ ଏକ ବୃହତ୍ ଉପହାର ପ୍ରଦାନ ଲାଗି ମଧ୍ୟ ଆୟୋଜନ କରିଥିଲେ : ଇରାନ ସହିତ ଯୁଦ୍ଧ ସମାପ୍ତି ରାଜିନାମା ସମ୍ବନ୍ଧରେ ଘୋଷଣା । ଏଥି ପୂର୍ବରୁ ଟ୍ରମ୍ପ ୩୯ଥର ଏଭଳି ଘୋଷଣା କରି ସାରିଥିଲେ, ଯାହା ପ୍ରତିଥର ମିଥ୍ୟା ସାବ୍ୟସ୍ତ ହୋଇ ଆସିଥିଲା । ଏଥର କିନ୍ତୁ ଉଭୟ ପକ୍ଷ ମଧ୍ୟରେ ସହମତିର ଅଧିକ ସମ୍ଭାବନା ଥିବାରୁ ଟ୍ରମ୍ପ ଏହାକୁ ଏକ ଜନ୍ମଦିନ ଉପହାରରେ ପରିଣତ କରିବାକୁ ଯୋଜନା କରିଥିଲେ । ତାଙ୍କର ଏଇ ଯୋଜନା କିନ୍ତୁ ଦୁଇଟି କାରଣରୁ ଆଂଶିକ ଭାବରେ ବିଫଳ ହୋଇଛି ବୋଲି କୁହାଯାଇପାରେ । ପ୍ରଥମ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘାଚି ଜାଣିଶୁଣି ଏଇ ଘୋଷଣାକୁ ଏପରି ବିଳମ୍ବିତ କରିଦେଲେ ଯେ ତାହା ପ୍ରକାଶ ପାଇବା ବେଳକୁ ଇରାନରେ ସୋମବାର ହୋ ?ଇ ସାରିଥିଲା । ସେ ଯଦି କେତେ ଘଟାଂ ପୂର୍ବରୁ ଏଇ ଘୋଷଣା କରିଥାନ୍ତେ, ତେବେ ଉଭୟ ଆମେରିକା ଓ ଇରାନରେ ହୋଇପାରିଥାନ୍ତା ରବିବାର- ଟ୍ରମ୍ପଙ୍କ ଜନ୍ମଦିନ । ଦ୍ୱିତୀୟ, ଯଦିବା ଏହା ଲେଖା ହେବା ପର୍ଯ୍ୟନ୍ତ ଶୁକ୍ରବାର ଦିନ ଜେନିଭା ଠାରେ ଉଭୟ ପକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ହେବାକୁ ଯାଉଥିବା ଏଇ ୧୪-ସୂତ୍ରୀ ବୁଝାମଣା ('ଏମଓୟୁ')ର ବିଷୟବସ୍ତୁ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ଭାବରେ କୌଣସି ସୂଚନା ପ୍ରକାଶ ପାଇନାହିଁ, ଯାହା ଆଭାସ ମିଳୁଛି ଏହା ହେଉଛି ଇରାନ ପାଇଁ ଏକ ପ୍ରକାର ବିଜୟ ଓ ଟ୍ରମ୍ପଙ୍କ ପାଇଁ ଆତ୍ମସମର୍ପଣ ଭଳି । ଫେବ୍ରୁଆରି ଶେଷ ଦିବସରେ ଟ୍ରମ୍ପ ଯେତେବେଳେ ଇସ୍ରାଏଲ ସହିତ ମିଳିତ ହୋଇ ଇରାନ ଉପରେ ଆକ୍ରମଣ ଆରମ୍ଭ କଲେ, ସେତେବେଳେ ତାଙ୍କର ଘୋଷିତ ଲକ୍ଷ୍ୟ ଥିଲା- ଇରାନରେ ଶାସନ କ୍ଷମତା ନିୟନ୍ତ୍ରଣକାରୀ ଗୋଷ୍ଠୀର ବିତାଡ଼ନ ('ରେଜିମ ଚେଞ୍ଜ') । ବର୍ତ୍ତମାନ କିନ୍ତୁ ସେଇ ଆୟାତୋଲ୍ଲା- 'ଆଇଆରଜିସି' ଶାସକ ଗୋଷ୍ଠୀ ସହିତ ହିଁ ଟ୍ରମ୍ପ 'ଏମଓୟୁ' ସ୍ୱାକ୍ଷର କରିବାକୁ ଯାଉଛନ୍ତି ଏବଂ ସେଇ ଗୋଷ୍ଠୀ ଆମେରିକାର ଆକ୍ରମଣ ଯୋଗୁଁ ଦୁର୍ବଳ ହେବା ପରିବର୍ତେ ସେ ଦେଶ ଉପରେ ସେମାନଙ୍କର ନିୟନ୍ତ୍ରଣ ଆହୁରି ମଜଭୁତ ହୋଇଛି । ଦ୍ୱିତୀୟରେ, ଇରାନର ଆଣବିକ ଅସ୍ତ୍ର ନିର୍ମାଣ କ୍ଷମତାର ସଂପୂର୍ଣ୍ଣ ବିଲୋପ ସାଧନ ଟ୍ରମ୍ପଙ୍କର ଆକ୍ରମଣର ଅନ୍ୟତମ ଲକ୍ଷ୍ୟ ହୋଇଥିବା ବେଳେ ଏବଂ ଏଇ 'ଏମଓୟୁ'ରେ ଇରାନ ସେ ସମ୍ବନ୍ଧରେ କେ ?ଣସି ପ୍ରତିଶ୍ରୁତି ଦେଇ ନ ଥିଲେ ହେଁ, ଟ୍ରମ୍ପ ନିରୁପାୟ ହୋଇ ଯୁଦ୍ଧ ବନ୍ଦ କରିବା ପାଇଁ ବ୍ୟଗ୍ର ହୋଇଛନ୍ତି । ଏବେ ଏଇ ଚୁକ୍ତି ଅନୁସାରେ ୬୦ ଦିନର ଯୁଦ୍ଧବିରତି ସମୟରେ ସେ ସଂପର୍କରେ କଥାବାର୍ତ୍ତା ହେବ ବୋଲି ସୁରାକ ମିଳୁଛି । ଇରାନ କିନ୍ତୁ ବାରମ୍ବାର ଘୋଷଣା କରି ଚାଲିଛି ଯେ ସେ ତା' ପାଖରେ ଥିବା ସମୃଦ୍ଧ ୟୁରାନିଅମକୁ କସ୍ମିନ କାଳେ ହାତଛଡ଼ା କରିବ ନାହିଁ, ଯାହାକୁ ବ୍ୟବହାର କରି ତୁରନ୍ତ ପରମାଣୁ ବୋମା ନିର୍ମାଣ କରାଯାଇ ପାରିବ । ଯାହା ମନେହୁଏ, ଶେଷରେ ଇରାନ କେବେହେଲେ ପରମାଣୁ ବୋମା ନିର୍ମାଣ କରିବ ନାହିଁ ବୋଲି ଏକ ପ୍ରତିଶ୍ରୁତି ଦେବ ଏବଂ ଟ୍ରମ୍ପଙ୍କୁ ସେତିକିରେ ସନ୍ତୁଷ୍ଟ ହେବାକୁ ପଡ଼ିବ । କିନ୍ତୁ ଏଥିରେ କିଛି ନୂତନତ୍ୱ ନାହିଁ, କାରଣ ଇରାନ ସର୍ବଦା ଏହାହିଁ କହି ଆସିଛି । ତେଣୁ ଟ୍ରମ୍ପଙ୍କର ଦୁଇଟିଯାକ ଘୋଷିତ ଲକ୍ଷ୍ୟ ମଧ୍ୟରୁ କେଉଁଟି ବି ପୂରଣ ନ ହେଲେ ମଧ୍ୟ ଟ୍ରମ୍ପ ଯୁଦ୍ଧରେ ଅନ୍ତ ଘଟାଇ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି । ଯଦି ଏଇ ଯୁଦ୍ଧକୁ ଟ୍ରମ୍ପ ଓ ଇରାନର ନୂତନ ସୁପ୍ରିମ୍ ଲିଡର ମୋଜତାବା ଖାମେନିଙ୍କ ମଧ୍ୟରେ ଏକ 'କେଜ୍ ଫାଇଟ' ରୂପେ ଦେଖାଯାଏ, ତେବେ କୁହାଯିବ ଯେ ଖାମେନି ଟ୍ରମ୍ପଙ୍କୁ ଚିତ୍‌ପଟାଙ୍ଗ କରି ଦେଇଛନ୍ତି । ସେତିକି ନୁହେଁ, ପରାସ୍ତ ଟ୍ରମ୍ପ ଇରାନକୁ ପୁଣି କ୍ଷତିପୂରଣ ବାବଦରେ ୩୦୦ ବିଲିଅନ ଡଲାର ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରିବେ ବୋଲି ଚୁକ୍ତିରେ ବ୍ୟବସ୍ଥା ରହିବାର ସୂଚନା ମିଳୁଛି । ଇରାନ ଯେଉଁ ଅମୋଘ ଅସ୍ତ୍ର ବ୍ୟବହାର କରି ଟ୍ରମ୍ପଙ୍କର ଟାଣ ଭାଙ୍ଗିବାରେ ସମର୍ଥ ହୋଇଛି, ତାହା ହେଉଛି- ହର୍ମୁଜ ପ୍ରଣାଳୀ । ପୃଥିବୀରେ ବ୍ୟବହୃତ ପେଟ୍ରୋଲିଅମର ପ୍ରାୟ ୨୫ ଶତାଂଶ ଏଇ ସଂକୀର୍ଣ୍ଣ ସମୁଦ୍ର ପଥ ଦେଇ ପରିବାହିତ ହୋଇଥାଏ ଏବଂ ଇରାନ ସାମରିକ ବଳ ପ୍ରୟୋଗ କରି ଏଇ ତୈଳ ପରିବହନକୁ ପ୍ରାୟ ସଂପୂର୍ଣ୍ଣ ବନ୍ଦ କରିଦେବା ଯୋଗୁଁ ସମଗ୍ର ବିଶ୍ୱ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏଥିଯୋଗୁଁ ଆମେରିକାରେ ଇନ୍ଧନ ଦରରେ ବୃଦ୍ଧି ଓ ମୁଦ୍ରାସ୍ଫୀତି ଦେଖାଦେଇ ଟ୍ରମ୍ପଙ୍କ ପ୍ରତି ଜନ ସମର୍ଥନରେ ତୀକ୍ଷ୍ଣ ସ୍ଖଳନ ଘଟାଇବା ଆରମ୍ଭ କରିବାରୁ, ସେ ଯୁଦ୍ଧ ବନ୍ଦ କରି ପଛଘୁଚାଂ ଦେଇ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି । ସେତିକି ନୁହେଁ, ଇରାନ ବର୍ତମାନ ଶାନ୍ତି ପ୍ରତିଷ୍ଠା ପରେ ହର୍ମୁଜ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ଜାହାଜମାନଙ୍କ ଠାରୁ ମାହାସୁଲ ଆଦାୟ କରିବ ବୋଲି ପ୍ରକାରାନ୍ତରେ ଘୋଷଣା କରି ସାରିଲାଣି । ଇରାନ ତାକୁ ମାହାସୁଲ ନ କହି ରକ୍ଷଣାବେକ୍ଷଣ ଦେୟ ('ନାଭିଗେସନ ଆଣ୍ଡ ମେଟିଂନାନ୍‌ସ ସର୍ଭିସ ଫି') ରୂପେ ଅଭିହିତ କରିଥିଲେ ହେଁ, ତାହା ହେଉଛି ବସ୍ତୁତଃ ଏକ ବାଧ୍ୟତାମୂଳକ ମାହାସୁଲ ମାତ୍ର । ଅସହାୟ ଟ୍ରମ୍ପ ବିଜେତା ଇରାନକୁ ଏଥିରୁ ନିବୃତ କରିବାର ସମ୍ଭାବନା କ୍ଷୀଣ । ବିଶ୍ୱବାସୀଙ୍କୁ ଆମେରିକାର ପରାକ୍ରମ ଦେଖାଇବାକୁ ଟ୍ରମ୍ପ ଏଇ ଯୁଦ୍ଧ ଆରମ୍ଭ କରିଥିଲେ; ହେଲେ ଏବେ ଫଳ ହୋଇଛି ଠିକ୍ ତା'ର ବିପରୀତ । ଆମେରିକାର ଶକ୍ତି କିଭଳି ସୀମିତ, ଇରାନ ବିଶ୍ୱବାସୀଙ୍କୁ ତାହା ଦେଖାଇ ଦେଇଛି । ପୂର୍ବରୁ ଭିଏତ୍ ?ନାମରୁ ଆଫଗାନିସ୍ତାନ ପର୍ଯ୍ୟନ୍ତ ଆମେରିକା ଯେଉଁ ଦଶା ଭୋଗ କରିଥିଲା, ଇରାନରେ ତାହାର ପୁନରାବୃତି ଘଟିଛି- କେବଳ ଏକମାତ୍ର ଫରକ ହେଲା ଆମେରିକୀୟ ସୈନ୍ୟମାନେ ଇରାନରେ ପ୍ରବେଶ କରି ନ ଥିବାରୁ, ସେଠାରେ ନରମେଧରୁ ବର୍ତି ଯାଇଛନ୍ତି । ଟ୍ରମ୍ପଙ୍କର ଏହି ଛାତ୍ରଭଙ୍ଗ ଅବଶ୍ୟ ବିଶ୍ୱବାସୀଙ୍କୁ ଆଶ୍ୱସ୍ତ କରିଛି । ଯଦିବା ଯୁଦ୍ଧ-ପୂର୍ବାବସ୍ଥା ଫେରିବା ପାଇଁ ସମୟ ଲାଗିବ, ତଥାପି ଶାନ୍ତିର ସମ୍ଭାବନା ଅର୍ଥନୈତିକ ଉତ୍ସାହରେ ଯେଉଁ ପୁନର୍ଜାଗରଣ ଘଟାଇବା ଆରମ୍ଭ କଲାଣି, ସେଆର ବଜାରମାନଙ୍କରେ ଦେଖା ଦେଇଥିବା ଉତ୍‌ଥାନ ତା'ର ସ୍ୱାକ୍ଷର ବହନ କରିଥାଏ । ଭାରତ ପାଇଁ ଏକ ସ୍ଥିର ପଶ୍ଚିମ ଏସିଆ ଠାରୁ ବଳି ସୁଖବର ଆଉ କିଛି ନ ହୋଇପାରେ ।

# ପୁନର୍ଦଖଲ !

ଅବଶ୍ୟ ତୁଷ୍ଟୀକରଣ ରାଜନୀତି ମମତାଙ୍କ ପାଇଁ ସଫଳ ଭାବରେ କାର୍ଯ୍ୟ କରିବାର କାରଣ ଥିଲା ତାଙ୍କ ଭୋଟ୍‌ବ୍ୟାଙ୍କ୍‌ର ବାହାରେ ଥିବା ମତାଦାତାମାନଙ୍କର ବିଖଣ୍ଡିତ ମତଦାନ ଅଭ୍ୟାସ । ଏଥର କିନ୍ତୁ ଭୋଟ୍‌ବ୍ୟାଙ୍କ୍‌ର ବାହାରେ ଥିବା ଯେଉଁମାନେ ରାଜ୍ୟକୁ ପୁନର୍ଦଖଲ କରିବାକୁ ବାହାରି ପଡ଼ିଥିଲେ, ସେମାନେ ଏକଜୁଟ ହୋଇ ମତଦାନ କରିବାରୁ ମମତାଙ୍କ ଚିରାଚରିତ କୌଶଳ ଆଉ ଫଳପ୍ରଦ ହୋଇନାହିଁ । ଅବଶେଷରେ ଅସମ୍ଭବ ସମ୍ଭବ ହୋଇଛି । ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଦୀର୍ଘ ପନ୍ଦର ବର୍ଷର ଶାସନର ଅନ୍ତ ଘଟିଛି । ଏହାକୁ ତୃଣମୂଳ କଂଗ୍ରେସ ଦଳର ଶାସନ ନ କହି ମମତାଙ୍କ ଶାସନ ବୋଲି କହିବା ହେଉଛି ଅଧିକ ଯଥାର୍ଥ, କାରଣ ଦୂର ଅତୀତରେ ଫ୍ରାନ୍‌ସର ସ୍ୱେଚ୍ଛାଚାରୀ ସମ୍ରାଟ ଚତୁର୍ଦ୍ଦଶ ଲୁଇ ଘୋଷଣା କରିଥିବା ଭଳି (''ମୁଁ ହେଉଛି ରାଷ୍ଟ୍ର ।'') ମମତା ବାନାର୍ଜୀ ତାଙ୍କ ରାଜ୍ୟର ମତଦାତାମାନଙ୍କ ନିକଟରେ ନିଜକୁ ଯେଉଁଭଳି ଉପସ୍ଥାପିତ କରିଆସିଛନ୍ତି, ତାହା ହେଲା, ସେ ନିଜେ ହିଁ ହେଉଛନ୍ତି ଦଳ, ସେ ନିଜେ ହିଁ ହେଉଛନ୍ତି ବଙ୍ଗଳା ରାଜ୍ୟ । ଏବେ ସେ ରାଜ୍ୟର ମତଦାତାମାନେ ତାଙ୍କର ସେଇ ଆସ୍ପର୍ଦ୍ଧାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହାର କାରଣ ବିଭିନ୍ନ ହୋଇପାରେ । କିନ୍ତୁ ବେଳେବେଳେ ଏକ ନିର୍ବାଚନରେ ମତଦାତାମାନଙ୍କୁ ପ୍ରଭାବିତ କରୁଥିବା ବିଭିନ୍ନ ପ୍ରସଙ୍ଗ ବା କାରଣମାନଙ୍କର ଗହଳି ଭେଦ କରି ଗୋଟିଏ ଏମିତି କାରଣ ମୁଣ୍ଡ ଟେକିଥାଏ, ଯାହା ସେଇ ନିର୍ବାଚନର ଅନ୍ତିମ ଫଳାଫଳ ନିର୍ଣ୍ଣୟ କରିଥାଏ । ପଶ୍ଚିମବଙ୍ଗରେ ଏଥର ଯେଉଁ ପ୍ରସଙ୍ଗ ଏଭଳି ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥିବାର ଦୃଢ଼ ସମ୍ଭାବନା ରହିଥିବା ବିଶ୍ୱାସ କରାଯାଉଛି, ତାହା ହେଲା : ନାରୀ ନିରାପତ୍ତା । ଏହା ମମତା ଅବଲମ୍ବନ କରି ଆସିଥିବା ଅନ୍ୟ ସମସ୍ତ ରାଜନୈତିକ କୌଶଳମାନଙ୍କୁ ଭେଦ କରି ତାଙ୍କର ସୁଦୀର୍ଘ ଶାସନର ସର୍ବାଧିକ ସ୍ପର୍ଶକାତର ଦୁର୍ବଳତାକୁ ପଦାରେ ପକାଇବା ସହିତ ଏଇ ସମୟ କାଳ ମଧ୍ୟରେ ସେ ସଫଳ ଭାବରେ ହାସଲ କରିପାରିଥିବା ମତଦାତା ଆନୁଗତ୍ୟରେ ଅପ୍ରତ୍ୟାଶିତ ପରିବର୍ତ୍ତନ ଘଟାଇଛି । ସେ ରାଜ୍ୟର ମହିଳାମାନଙ୍କ ପାଇଁ ଏକ ଅନୁକରଣୀୟ ଆଦର୍ଶରେ ପରିଣତ ହୋଇଥିବା ରାଜ୍ୟର ସର୍ବପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଲଢୁଆ ରାଜନେତା ମମତା ସୁଚିନ୍ତିତ ମଙ୍ଗଳ ବଟଂନ କାର୍ଯ୍ୟକ୍ରମମାନ ମାଧ୍ୟମରେ ତଥା ଚତୁର ସନ୍ଦେଶ ପ୍ରସାର ମାଧ୍ୟମରେ ସେଠାରେ ମହିଳାମାନଙ୍କ ମଧ୍ୟରେ ଏକ ସୁଦୃଢ଼ ସମର୍ଥନର ଭିତ୍ତି ନିର୍ମାଣ କରିଥିଲେ । ଦୀର୍ଘ ରାଜନୈତିକ ସଫଳତା ପ୍ରସୂତ ନିଶାରେ ମମତା କିନ୍ତୁ ଯାହା ହୃଦୟଙ୍ଗମ କରିପାରି ନ ଥିଲେ, ତାହା ହେଲା ଏସବୁ ସତ୍ତ୍ୱେ ଯେଉଁ ଗୋଟିଏ ପ୍ରସଙ୍ଗ ମହିଳା ମତଦାତାଙ୍କର ଆନୁଗତ୍ୟକୁ ଅବଶେଷରେ ଓଲଟାଇ ଦେଇପାରେ, ତାହା ହେଉଛି- ଦୈନନ୍ଦିନ ଜୀବନରେ ମହିଳାମାନଙ୍କୁ ସମ୍ମୁଖୀନ ହେବାକୁ ପଡୁଥିବା ସମ୍ମାନ ଓ ନିରାପତ୍ତା ସଂପର୍କିତ ପରିସ୍ଥିତି । ଅନ୍ୟ ପ୍ରକାରେ କହିଲେ, ମହିଳାମାନଙ୍କର ଆନୁଗତ୍ୟର ସ୍ଥାୟିତ୍ୱ ନିର୍ଭର କରିଥାଏ ନେତାଙ୍କ ଶାସନ କାଳରେ ସେମାନଙ୍କୁ ଉପଲବ୍ଧ ହେଉଥିବା ଦୈ ?ନନ୍ଦିନ ସମ୍ମାନ ଓ ନିରାପତ୍ତା ଉପରେ । ସେମାନେ ହୁଏତ ଏଥିରେ କାଁ ଭାଁ ଦେଖାଯାଉଥିବା ଅଭାବ ବା ବ୍ୟତିକ୍ରମକୁ ସ୍ୱାଭାବିକ ରୂପେ ବିଚାର କରି ଏଥିପାଇଁ ନେତାଙ୍କୁ ଦାୟୀ କରି ନ ପାରନ୍ତି କିମ୍ବା ତାଙ୍କ ପ୍ରତି ବିମୁଖ ନ ହୋଇପାରନ୍ତି, କିନ୍ତୁ ଯେତେବେଳେ ଦୀର୍ଘ କାଳ ଧରି ଏହା ଏକ ଧାରାରେ ପରିଣତ ହୋଇଯାଇଥାଏ ଏବଂ ନେତା ଜଣକ ପରିସ୍ଥିତିରେ ଉନ୍ନତି ଘଟାଇବା ପାଇଁ ଉଦ୍ୟମ କରିବା ପରିବର୍ତେ, ଏଥିପ୍ରତି ଆଖି ବୁଜିଦେବା ଦେଖାଯାଏ, ସେତେବେଳେ ମହିଳାମାନଙ୍କ ମଧ୍ୟରେ ଅସହାୟତାବୋଧର ବ୍ୟାପକ ପ୍ରସାର ଘଟିଥାଏ ଏବଂ ସେମାନେ ପରିସ୍ଥିତିରେ ପରିବର୍ତନ ଆଶା କରି ଏକ ବିକଳ୍ପ ନେତୃତ୍ୱର ସନ୍ଧାନ କରିଥାନ୍ତି । ମମତା ବାନାର୍ଜୀଙ୍କ ପଶ୍ଚିମବଙ୍ଗରେ ଏବେ ତାହା ହିଁ ଘଟିଛି । ତାଙ୍କର ଶାସନର ଏହି ଚରିତ୍ର ସମ୍ବନ୍ଧରେ ସାର୍ବଜନୀନ ଧାରଣାକୁ ଯାହା ରୂପ ପ୍ରଦାନ କରିଛି ଓ ଦୃଢ଼ୀଭୂତ କରିଛି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003




# ସୁନ୍ଦରଗଡ଼ ଜିଲ୍ଲାର ଚାରୋଟି ନିର୍ବାଚନ ମଣ୍ଡଳୀର ପରିଗଣନା ଫର୍ମର ଡିଜିଟାଇଜେସନ୍ ସମ୍ପୂର୍ଣ୍ଣ




ସୁନ୍ଦରଗଡ଼,୨୩/୬(ନି/ପ୍ର): ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର୍ ଅନ୍ତର୍ଗତ ପରିଗଣନା ଫର୍ମ ବଣ୍ଟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ଜୁନ୍ ମାସ ୨୮ ତାରିଖରେ ସମାପ୍ତ ହେବ ଏହି ପରିଗଣନା ଫର୍ମ ବଣ୍ଟନ ପ୍ରକ୍ରିୟା। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାର ଚାରି ଗୋଟି ନିର୍ବାଚନ ମଣ୍ଡଳୀର ପରିଗଣନା ଫର୍ମ ର ଡିଜିଟାଇଜେସନ୍ ପ୍ରକ୍ରିୟା ଶତ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଯାଇଛି। ଏହି ତିନି ଗୋଟି ନିର୍ବାଚନ ମଣ୍ଡଳୀ ହେଉଛି ୮-ତଲସରା, ୯-ସୁନ୍ଦରଗଡ଼, ୧୪- ବଣାଇ ଓ ୧୩-ରାଜଗାଙ୍ଗପୁର । ଏହି ଅବସରରେ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଏହି ଚାରି ଗୋଟି ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ରଜଡଂଗ୍ମ), ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇରଜଡଂଗ୍ମ) ସମସ୍ତ ବି ଏଲ ଓ, ବି. ଏଲ. ଓ. ସୁପରଭାଇଜର ତଥା ଏହି କାର୍ଯ୍ୟରେ ଥିବା ଅନ୍ୟାନ୍ୟ ସମସ୍ତ କର୍ମଚାରୀ ମାନଙ୍କୁ ଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଯାଇଅଛି ଏବଂ ଚୂଡ଼ାନ୍ତ ପ୍ରକାଶନ ପର୍ଯ୍ୟନ୍ତ ଏହି ଭଳି ସକ୍ରିୟ କାର୍ଯ୍ୟ ସମ୍ପାଦନ କରିବାକୁ ଉତ୍ସାହିତ କରାଯାଇଥିଲା।

# ସୁନ୍ଦରଗଡ଼ରୁ ଶିଶୁ ଶ୍ରମିକ ଉଦ୍ଧାର, ୧ ଗିରଫ



ସୁନ୍ଦରଗଡ,୨୩/୬(ନି/ପ୍ର): ଝାରସୁଗୁଡ଼ାର ଜଣେ ଶିଶୁ ଶ୍ରମିକ (୯)ଙ୍କୁ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଫୁଲଧୁଡ଼ିରୁ ଉଦ୍ଧାର କରାଯାଇଛି। ଯେଉଁ ବ୍ୟକ୍ତି ତାଙ୍କୁ ନେଇ ଖଟାଉଥିଲେ ପୁଲିସ ତାଙ୍କୁ ଅଟକ ରଖିଛି। ସୂଚନାନୁସାରେ, ଆଜି ପୂର୍ବାହ୍ଣରେ ଶିଶୁଟି କାନ୍ଧରେ ଭାର ବୋହି ନେଉଥିବା ଦେଖି କେହି ଶିଶୁ କଲ୍ୟାଣ କମିଟିର ଟୋଲ୍ ଫ୍ରି ନଂ ୧୦୯୮କୁ ଫୋନ୍ କରିଥିଲେ। ସୂଚନା ପାଇ ଶିଶୁ କଲ୍ୟାଣ କମିଟି ସଦସ୍ୟ ଜିତୁ ପଟେଲ୍ ଓ ହେଲ୍‌ପଲାଇନ୍ ପରିଦର୍ଶନ ମଧୁସୂଦନ ଭୁଏ ଶିଶୁ ନିକଟରେ ପହଚିଂ ତାଙ୍କୁ ଉଦ୍ଧାର କରିଥିଲେ। ଶିଶୁ ନିକଟରୁ ସମସ୍ତ କଥା ଶୁଣିବା ପରେ ୧୧୨କୁ ସୂଚିତ କରିଥିଲେ। ପୁଲିସ ପହଚିଂ ଏକ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ମାଲିକ ତରଣୀ ସାହୁଙ୍କୁ ଧରି ନେଇ ଥାନାରେ ରଖିଛି। ତରଣୀ ୯ ମାସ ଧରି ଶିଶୁଟିକୁ ଖଟାଉଥିବା ତଦନ୍ତ ବେଳେ ଜାଣିବାକୁ ପାଇଥିବା ଶିଶୁ କଲ୍ୟାଣ କମିଟି କହିଛି। ଶିଶୁ ଶ୍ରମିକ ରଖିବା ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ଓ ଏହାର ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ପ୍ରାବଧାନ ଥିଲେ ମଧ୍ୟ ଅନେକ ବ୍ୟକ୍ତି ଶିଶୁମାନଙ୍କୁ ଖଟାଉଥିବା ଦେଖିବାକୁ ମିଳିଛି।

# ଆଇଜିଏଚ୍ ଏହାର ଫିଜିଓଥେରାପି ଏବଂ ପୁନର୍ବାସ କେନ୍ଦ୍ରରେ ଉନ୍ନତ ହାଇ-ପାୱାର ଲେଜର ଥେରାପିର ଶୁଭାରମ୍ଭ କରିଛି



ରାଉରକେଲା,୨୩/୬(ନି/ପ୍ର): ଉନ୍ନତ ପୁନର୍ବାସ ଏବଂ ଯନ୍ତ୍ରଣା ପ୍ରଶମନ ସେବାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ରାଉରକେଲା ଇସ୍ପାତ କାରଖାନା ର ଇସ୍ପାତ ଜେନେରାଲ ହସ୍ପିଟାଲ ଏହାର ଫିଜିଓଥେରାପି ଏବଂ ପୁନର୍ବାସ କେନ୍ଦ୍ରରେ ହାଇ-ପାୱାର ଲେଜର ଥେରାପିର ଶୁଭାରମ୍ଭ କରିଛି। ନୂତନ ଭାବେ ସ୍ଥାପିତ ଏହି ହାଇ-ପାୱାର ଲେଜର ଥେରାପି ସିଷ୍ଟମ୍, ଯନ୍ତ୍ରଣା ଏବଂ ମାଂସପେଶୀ ତଥା ଅସ୍ଥି ସମ୍ବନ୍ଧୀୟ ସମସ୍ୟାର ପ୍ରଭାବଶାଳୀ ଓ ବିନା ଅସ୍ତ୍ରୋପଚାର ଚିକିତ୍ସା ଚାହୁଁଥିବା ରୋଗୀମାନଙ୍କ ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଣିଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଉନ୍ନତ ଚିକିତ୍ସା ପଦ୍ଧତିରେ ଯନ୍ତ୍ରଣା ହ୍ରାସ କରିବା, ପ୍ରଦାହ କମାଇବା, ଟିସୁ ମରାମତିକୁ ପ୍ରୋତ୍ସାହିତ କରିବା ଏବଂ ଆରୋଗ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ରୀଭୂତ ଆଲୋକ ଶକ୍ତି ର ବ୍ୟବହାର କରାଯାଏ। ଏହା ବିଶେଷ କରି ପୁରୁଣା ଅଣ୍ଟା ବିନ୍ଧା, ବେକ ବିନ୍ଧା, ଗଣ୍ଠିବାତ , କ୍ରୀଡ଼ା ଜନିତ ଆଘାତ, ଟେଣ୍ଡନ୍ ଏବଂ ଲିଗାମେଣ୍ଟ ସମସ୍ୟା, ଫ୍ରୋଜନ୍ ଶୋଲ୍ଡର, ପ୍ଲାଣ୍ଟର ଫାସିଆଇଟିସ୍ , ସ୍ନାୟୁ ଜନିତ ଯନ୍ତ୍ରଣା ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ ପୁନର୍ବାସ ଦେଇ ଗତି କରୁଥିବା ରୋଗୀମାନଙ୍କ ପାଇଁ ବିଶେଷ ଲାଭଦାୟକ ଅଟେ। ପଶ୍ଚିମ ଓଡ଼ିଶାର ବହୁତ କମ୍ ମେଡିକାଲରେ ଉପଲବ୍ଧ ଥିବା ଏହି ପ୍ରଯୁକ୍ତିବିଦ୍ୟା, ଆଇଜିଏଚ୍‌ରେ ଉପଲବ୍ଧ ବ୍ୟାପକ ପୁନର୍ବାସ ସେବାକୁ ଆହୁରି ମଜବୁତ କରିଛି। ରୋଗୀମାନେ ଏବେ ନିଜ ଘର ପାଖରେ ଏହି ଉନ୍ନତ ଫିଜିଓଥେରାପି ସେବା ପାଇପାରିବେ, ଯାହାଫଳରେ ସେମାନଙ୍କୁ ଏହି ବିଶେଷଜ୍ଞ ଚିକିତ୍ସା ପାଇଁ ମେଟ୍ରୋ ସହରଗୁଡ଼ିକୁ ଯିବାର ଆବଶ୍ୟକତା ହ୍ରାସ ପାଇବ। ବିଶେଷ ଭାବରେ, ଆଇଜିଏଚ୍‌ର ଫିଜିଓଥେରାପି ୟୁନିଟ୍‌ର ରାଉରକେଲା ଏବଂ ଆଖପାଖ ଅଞ୍ଚଳର ରୋଗୀମାନଙ୍କୁ ଗତ କିଛି ଦଶନ୍ଧି ଧରି ଗୁଣାତ୍ମକ ପୁନର୍ବାସ ସେବା ଯୋଗାଇ ଦେବାର ଏକ ସମୃଦ୍ଧ ଇତିହାସ ରହିଛି। ବିଗତ ବର୍ଷଗୁଡ଼ିକରେ, ଏହି ବିଭାଗ ନିଜର ରୋଗୀ-କେନ୍ଦ୍ରିକ ଆଭିମୁଖ୍ୟ, ପ୍ରମାଣ-ଭିତ୍ତିକ ଚିକିତ୍ସା ପଦ୍ଧତି ଏବଂ ରୋଗୀମାନଙ୍କର କ୍ରମାଗତ ଉଚ୍ଚ ସନ୍ତୋଷ ଜନକ ପ୍ରତିକ୍ରିୟା ମାଧ୍ୟମରେ ସମାଜର ବିଶ୍ୱାସ ଭାଜନ ହୋଇପାରିଛି। ଡାକ୍ତର ଏସ୍. କେ. ତିୱାରୀଙ୍କ ନେତୃତ୍ୱରେ, ଶ୍ରୀ ବି. ଏନ୍. ପଣ୍ଡା ଏବଂ ଶ୍ରୀ ପ୍ରେମାନନ୍ଦଙ୍କୁ ନେଇ ଗଠିତ ଏହି ନିଷ୍ଠାପର ଫିଜିଓଥେରାପି ଦଳ ଉତ୍କୃଷ୍ଟ କ୍ଲିନିକାଲ୍ ପରିଣାମ ସହିତ ବ୍ୟକ୍ତିଗତ ତଥା ପ୍ରମାଣ-ଭିତ୍ତିକ ପୁନର୍ବାସ ସେବା ଯୋଗାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏହି ବିଭାଗ ଅସ୍ଥିଶଲ୍ୟ, ସ୍ନାୟୁଗତ, ଶିଶୁ ରୋଗ , ବାର୍ଦ୍ଧକ୍ୟ ଜନିତ ସମସ୍ୟା, କ୍ରୀଡ଼ା ଜନିତ ଆଘାତ ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ ରୋଗୀମାନଙ୍କ ପାଇଁ ବ୍ୟାପକ ଆଧୁନିକ ଫିଜିଓଥେରାପି ଏବଂ ପୁନର୍ବାସ ସେବା ପ୍ରଦାନ କରିଥାଏ। ଏହି ୟୁନିଟ୍ ଉନ୍ନତ ପୁନର୍ବାସ ଉପକରଣ ଏବଂ ଚିକିତ୍ସା ପଦ୍ଧତିରେ ସୁସଜ୍ଜିତ, ଯାହା ଗୋଟିଏ ଛାତ ତଳେ ସମ୍ପୂର୍ଣ୍ଣ ଚିକିତ୍ସା ସେବା ପ୍ରଦାନ କରିବାରେ ସକ୍ଷମ ହୋଇଛି। ଏହି ଫିଜିଓଥେରାପି କେନ୍ଦ୍ର କେବଳ ସେଲ୍ କର୍ମଚାରୀ ଏବଂ ସେମାନଙ୍କ ଆଶ୍ରିତମାନଙ୍କ ପାଇଁ ନୁହେଁ, ବରଂ ସର୍ବସାଧାରଣଙ୍କ ପାଇଁ ମଧ୍ୟ ଖୋଲା ରହିଛି, ଯାହାଫଳରେ ସମସ୍ତଙ୍କ ପାଇଁ ଗୁଣାତ୍ମକ ପୁନର୍ବାସ ସେବା ସହଜଲଭ୍ୟ ହୋଇପାରିବ। ହାଇ-ପାୱାର ଲେଜର ଥେରାପି ସିଷ୍ଟମର ସଂଯୋଗ ସହିତ, ଇସ୍ପାତ ଜେନେରାଲ ହସ୍ପିଟାଲ୍ ଉଚ୍ଚମାନର ପୁନର୍ବାସ ସେବା ପ୍ରଦାନ କରିବା ପାଇଁ ଅନୁଭବ, ବିଶେଷଜ୍ଞତା ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ରକ୍ଷା କରିବାର ନିଜର ପରମ୍ପରାକୁ ଜାରି ରଖିଛି। ଏହି ବିଭାଗ ଅସ୍ଥିଶଲ୍ୟ, ସ୍ନାୟୁଗତ, ଶିଶୁ ରୋଗ , ବାର୍ଦ୍ଧକ୍ୟ ଜନିତ ସମସ୍ୟା, କ୍ରୀଡ଼ା ଜନିତ ଆଘାତ ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ ରୋଗୀମାନଙ୍କ ପାଇଁ ବ୍ୟାପକ ଆଧୁନିକ ଫିଜିଓଥେରାପି ଏବଂ ପୁନର୍ବାସ ସେବା ପ୍ରଦାନ କରିଥାଏ। ପଶ୍ଚିମ ଓଡ଼ିଶାର ବହୁତ କମ୍ ମେଡିକାଲରେ ଉପଲବ୍ଧ ଥିବା ଏହି ପ୍ରଯୁକ୍ତିବିଦ୍ୟା, ଆଇଜିଏଚ୍‌ରେ ଉପଲବ୍ଧ ବ୍ୟାପକ ପୁନର୍ବାସ ସେବାକୁ ଆହୁରି ମଜବୁତ କରିଛି। ରୋଗୀମାନେ ଏବେ ନିଜ ଘର ପାଖରେ ଏହି ଉନ୍ନତ ଫିଜିଓଥେରାପି ସେବା ପାଇପାରିବେ।

# ଗୋରେଖନାଥ ସାହୁଙ୍କ ପୁସ୍ତକ 'ସୋନାଲି' ଲୋକାର୍ପିତ



ରାଉରକେଲା,୨୩/୬(ନି/ପ୍ର): ଲେଖକ ଗୋରେଖନାଥ ସାହୁଙ୍କ ପୁସ୍ତକ 'ସୋନାଲି' ଆଜି ସ୍ଥାନୀୟ ବସ୍ତିଆ ଭବନ ସମ୍ମିଳନୀ କକ୍ଷରେ ଲୋକାର୍ପିତ ହୋଇଛି କ୍ଷ ଏଥିସହ ଶ୍ରୀ ସାହୁଙ୍କ ପରିକଳ୍ପିତ ଓ ସଂଳାପ ଲିଖିତ ନୂତନ ଚଳଚିତ୍ର 'ଜଙ୍ଗଲ ଜଳୁଛି' ଚଳଚିତ୍ର ପ୍ରଦର୍ଶନ ଚଳିତ ମାସ ୨୨ ରୁ ରାଉରକେଲା ର କ୍ରସରୋଡ଼ ମଲ ରେ ଥିବା ପ୍ରେକ୍ଷ୍ୟାଳୟ ରେ ଚାଲିବ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ଲେଖକ ଗୋରଖନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସେ ଆଜିର ଯୋଗ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବାସହ ତାଙ୍କ ଦ୍ୱାରା ଲିଖିତ ବିଭିନ୍ନ ପୁସ୍ତକ ସମ୍ପର୍କ ରେ ଆଲୋଚନା କରିଥିଲେ । ଆମର ଐତିହ୍ୟ ଓ ସଂସ୍କୃତିକୁ ଉଦଜୀବିତ କରି ରଖିବାକୁ ଆହ୍ୱାନ କରିଥିଲେ । ବୈଦ୍ୟନାଥ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ଚଳଚିତ୍ରର ସହ ପ୍ରଯୋଜିକା ଶ୍ରୀମତୀ ମୀନା ମହାରଣା, ନିର୍ଦ୍ଦେଶକ ସରୋଜ କୁମାର ଭୂୟାଁ, ସୁରମା ମିଶ୍ର, ପୀତବାସ ପ୍ରଧାନ ପ୍ରମୁଖ ମଂଚାସୀନ ରହି ବକ୍ତବ୍ୟ ରଖିଥିଲେ । ଶେଷରେ ଡ. ସୀତାରଶ୍ମି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସହରର ଚଳଚିତ୍ର ପ୍ରେମୀ ମାନେ ଆସନ୍ତା କାଲି ଜଙ୍ଗଲ ଜଳୁଛି ଚଳଚିତ୍ର ଦେଖିବାକୁ ଆୟୋଜକ ମାନେ ଅନୁରୋଧ କରିଛନ୍ତି ।

# ପ୍ରବଳ ବର୍ଷାରେ ମାଟି କାନ୍ଥ ଭୁଶୁଡ଼ି ମହିଳା ଗୁରୁତର



ବଣାଇଁଗଡ଼,୨୩/୬(ନି/ପ୍ର): ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ନରେନ୍ଦ୍ର ଗ୍ରାମ ପଚାଂୟତର ଝାରବେଡା ଗ୍ରାମର ଖଜରିଆ ସାହିରେ ସୋମବାର ସନ୍ଧ୍ୟାରେ ବର୍ଷାରେ କାନ୍ଥ ଭୁଶୁଡ଼ି ଜଣେ ସାତ ମାସର ଗର୍ଭବତୀ ମହିଳା ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଝାରବେଡା ଗ୍ରାମର ରାଜୁ ବେହେରାଙ୍କ ସ୍ତ୍ରୀ ପପି ବେହେରା (୨୬) ସନ୍ଧ୍ୟା ସମୟରେ ତାଙ୍କ ପୁରୁଣା ମାଟି ଘରେ ରୋଷେଇ କରୁଥିଲେ। ଏହି ସମୟରେ ପ୍ରବଳ ବର୍ଷା ଓ ପବନ ହୋଇଥିଲା। ଏହି ବର୍ଷାରେ ଘରର ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ତଳେ ଚାପି ହୋଇ ପପି ଗୁରୁତର ଆହତ ହୋଇଥିଲେ। ଘଟଣା ସମୟରେ ସେ ତାଙ୍କ ଇନ୍ଦିରା ଆବାସ ଘରେ ରହୁଥିଲେ ମଧ୍ୟ ରୋଷେଇ କାମ ପାଇଁ ପୁରୁଣା ମାଟି ଘରକୁ ଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକମାନେ ତୁରନ୍ତ ଉଦ୍ଧାର କରି ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରମାନେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି। ପପି ବେହେରା ସାତ ମାସର ଗର୍ଭବତୀ ଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି।

# ପାଣି ପାଉଚରେ ରହୁନି ଏକ୍ସପାରୀ ଡେଟ୍ !

ଜୟପୁର,୨୩/୬(ନି/ପ୍ର): ଗ୍ରୀଷ୍ମ ପ୍ରବାହରେ ଜଳୁଛି ସାରା ରାଜ୍ୟ, ଖରା ତାତିରୁ ତ୍ରାହି ପାଇବା ପାଇଁ କୋରାପୁଟ ଜିଲାରେ ଥଣ୍ଡା ପାନୀୟରେ ବେଶ ଚାହିଦା ମଧ୍ୟ ବୃଦ୍ଧି ପାଇଛି । ଏହାର ସୁଯୋଗ ନେଇ କୋରାପୁଟ, ଜୟପୁର, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡରେ ବହୁ ଅସାଧୁ ବ୍ୟବସାୟୀ ଯାବତୀୟ ବେନାମୀ ଥଣ୍ଡା ପାନୀୟ ବିକ୍ରି କରୁଥିବାର ନଜରକୁ ଆସିଛି । ପାଣି ବୋତଲ ହେଉ କିମ୍ବା ପାଣି ପାଉଚ ଗୁଡିକରେ କୌଣସି ବି ଏକ୍ସପାରି ଲେବୁଲ ମଧ୍ୟ ରହୁନାହିଁ । ଏହାର ଶୁଦ୍ଧତା ନେଇ ଗ୍ରାହକ ମାନେ ମଧ୍ୟ ସନ୍ଦେହରେ ପଡୁଛନ୍ତି । ପ୍ରଶାସନ ପକ୍ଷରୁ ଏହାକୁ ଜମା ଯାଂଚ୍ କରାଯାଉନଥିବାରୁ ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ଦେଖା ଦେଇଛି । ଗ୍ରାମାଂଚଳର ଛୋଟ ଛୋଟ ଦୋକାନରୁ ଆରମ୍ଭ କରି ସହରାଂଚଳ ପର୍ଯ୍ୟନ୍ତ ନକଲି ଥଣ୍ଡା, ପାନୀୟ ସୋଡ଼ା, ପାଣି ପାଉଚରେ ଅପମିଶ୍ରିତ ସାମଗ୍ରୀର ଚାହିଦା ସହ ବିକ୍ରି ମଧ୍ୟ ବୃଦ୍ଧି ପାଇଛି । ଯାହାକି ଜନସାଧାରଣ ମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ବିନା ଲାଇସେନ୍ସରେ ଏକାଧିକ ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀ ଲୋଗରେ ନକଲି ସୋଡ଼ା, ପାଣି ବୋତଲ, ପାଣି ପାଉଚ, ବେଧଡକ ବିକ୍ରି ଚାଲିଛି । ଏମାନଙ୍କ ଉପରେ ଜିଲ୍ଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗର ଅଙ୍କୁଶ ନଥିବା ହେତୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଜିଲ୍ଲା ଖାଦ୍ୟ ନିରାପତା ଓ ଜନସ୍ୱାସ୍ଥ୍ୟ ବିଭାଗର ସ୍ଥାଣୁତା ପାଲଟି ଯାଇଥିବା ମଧ୍ୟ ଅଭିଯୋଗ ହେଉଛି । ନିମ୍ନମାନର ପାଣି ବୋତଲ, ପାଣି ପାଉଚ, ପାନୀୟ ଜଳ ପିଇବା ଦ୍ୱାରା ଲୋକେ ଚର୍ମ ଓ ପେଟ ରୋଗରେ ଆକ୍ରାନ୍ତ ହେଉଥିବା ପରିଲକ୍ଷିତ ହେଉଛି । ବଜାରରେ ବିକ୍ରି ହେଉଥିବା ପାଣି ବୋତଲ, ପାଣି ପାଉଚ, ଥଣ୍ଡା ବୋତଲରେ ବ୍ୟବହାର ବିଧି ସମ୍ପର୍କରେ କୌଣସି ସୂଚନା ନାହିଁ । ଏହିସବୁ ପ୍ରସ୍ତୁତ ଓ ବିକ୍ରିପାଇଁ ଲାଇସେନ୍ସ ଓ ଅନେକ ନିୟମ ରହିଛି । କିଛି ବେନାମୀ ପାଣି କମ୍ପାନୀ ଯେ କୌଣସି ଉପାୟରେ ଫ୍ରଡ ଲାଇସେନ୍ସ ହାତେଇ ଦୀର୍ଘ ଦିନ ଧରି ବେପାର କରୁଛନ୍ତି । ଉକ୍ତ ଥଣ୍ଡା ଜାତୀୟ ପାଣି ବୋତଲ, ପାଣି ପାଉଚ ଗୁଡ଼ିକ କିଛି ଦିନ ରହିଯିବା ପରେ ଗନ୍ଧ ବାହାରୁଥିବା ବେଳେ ତାହା ଅନ୍ୟ ପ୍ରକାରର ସ୍ୱାଦ ହେଉଛି । ଅନ୍ୟପଟେ ଦେଖିବାକୁ ଗଲେ ପାଣି ବୋତଲ ଦାମ ମଧ୍ୟ ଭିନ୍ନ ଭିନ୍ନ କେଉଁଠି ୧୦ଟଙ୍କାରେ ବିକ୍ରି ହେଉଥିବା ବେଳେ କେଉଁଠି ୨୦ ଟଙ୍କାରେ ମଧ୍ୟ ମନଇଚ୍ଛା ବିକ୍ରୀ ହେଉଥିବା ଦେଖିବାକୁ ମିଳୁଛି । ଜିଲ୍ଲା ଖାଦ୍ୟ ନିରାପତା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଏହି କ୍ଷେତ୍ରରେ ଜଳର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ବୁଦ୍ଧିଜୀବିଙ୍କ ମହଲରେ ଦାବି ହେଉଛି । ବେଧଡକରେ ଚାଲିଛି ନକଲି ଥଣ୍ଡା, ପାଣି ବୋତଲ, ପାଣି ପାଉଚ କାରବାର । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜନସଚେତନତା କରିବାକୁ ସାଧାରଣରେ ଦାବି ଜୋର ଧରିଛି ।

# ଏସ.ଟି.ପି.ଆଇ. - ଭୁବନେଶ୍ୱର ପକ୍ଷରୁ ରାଉରକେଲା ଇସ୍ପାତ କାରଖାନାରେ ଷ୍ଟାର୍ଟଅପ୍ - ଶିଳ୍ପ ଆଲୋଚନାଚକ୍ର କାର୍ଯ୍ୟକ୍ରମ



ରାଉରକେଲା,୨୩/୬(ନି/ପ୍ର): ସଫ୍ଟୱେର୍ ଟେକ୍ନୋଲୋଜି ପାର୍କସ ଅଫ୍ ଇଣ୍ଡିଆ (ଏସ.ଟି.ପି.ଆଇ.), ଭୁବନେଶ୍ୱର, ଏହାର ସେଣ୍ଟର ଅଫ୍ ଆନ୍ତ୍ରିପ୍ରିନରସିପ୍, ଏମ୍ ଟେକ ସିଓଇ ଏବଂ ଇଲେକ୍ଟ୍ରୋପ୍ରିନର ପାର୍କ ସିଓଇ ମାଧ୍ୟମରେ ଜୁନ୍ ୧୮ ତାରିଖ ଦିନ ସେଲ୍, ରାଉରକେଲା ଇସ୍ପାତ କାରଖାନା ଠାରେ ଏକ ଷ୍ଟାର୍ଟଅପ୍-ଶିଳ୍ପ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ର ଆୟୋଜନ କରିଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସହଭାଗିତାର ସୁଯୋଗ ସୃଷ୍ଟି କରିବା ଏବଂ ଇସ୍ପାତ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ତ୍ୱରାନ୍ୱିତ କରିବା। ଏହି କାର୍ଯ୍ୟକ୍ରମରେ କାରଖାନାର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ସୁଦୀପ ପାଲ୍ ଚୌଧୁରୀ, ଅନେକ ବରିଷ୍ଠ ଅଧିକାରୀ, ଏସ.ଟି.ପି.ଆଇ. - ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀ ମାନସ ରଞ୍ଜନ ପଣ୍ଡା ଓ ଏସ.ଟି.ପି.ଆଇ. - ଭୁବନେଶ୍ୱରର ପ୍ରତିନିଧିମାନଙ୍କ ସହ ଅଂଶଗ୍ରହଣ କରିଥିବା ଷ୍ଟାର୍ଟଅପ୍‌ଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶ୍ରୀ ମାନସ ରଞ୍ଜନ ପଣ୍ଡା, ଇନକ୍ୟୁବେସନ, ମାର୍ଗଦର୍ଶନ ଏବଂ ଶିଳ୍ପ ସଂଯୋଗ ପଦକ୍ଷେପ ମାଧ୍ୟମରେ ଭାରତର ନବୋନ୍ମେଷ ବା ଇନୋଭେସନ ଇକୋସିଷ୍ଟମକୁ ସୁଦୃଢ଼ କରିବାରେ ଏସ.ଟି.ପି.ଆଇ.ର ଭୂମିକା ବିଷୟରେ ଉଲ୍ଲେଖ କରିବା ସହ ଓଡ଼ିଶାର ଅଭିବୃଦ୍ଧିଶୀଳ ବୈଷୟିକ ପରିବେଶ ଉପରେ ଆଲୋକପାତ କରିଥିଲେ। ଏମ୍ ଟେକ ସିଓଇ ଏବଂ ଇଲେକ୍ଟ୍ରୋପ୍ରିନର ପାର୍କରେ ପ୍ରୋତ୍ସାହନ ପାଉଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ଏ ଅବସରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏ.ଆଇ), ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ - ଇଣ୍ଡଷ୍ଟ୍ରି ୪.୦, ସ୍ୱୟଂଚାଳନ, ଉନ୍ନତ ସ୍ତରର ମାନୁଫାକଚରିଂ, ଇଲେକ୍ଟ୍ରୋନିକ୍ସ, ସାଇବର ସୁରକ୍ଷା, ସ୍ଥିରତା ଏବଂ ଶିଳ୍ପ ଡିଜିଟାଇଜେସନ୍ ସମ୍ବନ୍ଧୀୟ ସମାଧାନର ପ୍ରଦର୍ଶନ କରିଥିଲେ। ଏହି ଆଲୋଚନା ଚକ୍ର ଷ୍ଟାର୍ଟଅପ୍ ?ଗୁଡ଼ିକ ପାଇଁ ସେମାନଙ୍କର ପ୍ରାରମ୍ଭିକ ବ୍ୟବହାର-ଉପଯୋଗୀ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ କରିବା ଏବଂ ଆର.ଏସ.ପି. ସହିତ ସମ୍ଭାବ୍ୟ ସହଭାଗିତା କ୍ଷେତ୍ର ବିଷୟରେ ଆଲୋଚନା କରିବା ପାଇଁ ଏକ ମଂଚ ସୃଷ୍ଟି କରିଥିଲା। ଏଥିରେ କାର୍ଯ୍ୟ ଦକ୍ଷତା, ସୁରକ୍ଷା ଏବଂ ପରିବେଶଗତ ପ୍ରଦର୍ଶନରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ପାଇଲଟ୍ ପ୍ରୋଜେକ୍ଟ, ଫିଲ୍ଡ ଟ୍ରାଏଲ୍ ଏବଂ କାର୍ଯ୍ୟକାରୀ କରିବାର ମାର୍ଗ ଅନ୍ତର୍ଭୁକ୍ତ ଥିଲା। ଇସ୍ପାତ ଉତ୍ପାଦନର ମୂଲ୍ୟ ଶୃଙ୍ଖଳା ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ଏବଂ ସ୍ଥିରତାକୁ ବୃଦ୍ଧି କରିବା ପାଇଁ ନବୋନ୍ମେଷ-ଭିତ୍ତିକ ସହଭାଗିତାକୁ ଆଗେଇ ନେବାର ପାରସ୍ପରିକ ପ୍ରତିବଦ୍ଧତା ସହ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

# ରାଜଗାଙ୍ଗପୁର ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ରାଜଗାଙ୍ଗପୁର,୨୩/୬(ନି/ପ୍ର): ରାଜଗାଙ୍ଗପୁର ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜନ ଶୁଣାଣି ପ୍ରାୟ ୨ ଦୁଇ ଘଟାଂ ବିଳମ୍ବରେ ହୋଇଥିବାରୁ ଅଭିଯୋଗ କରି ଜନସାଧାରଣ ଭୀଷଣ ଗରମ ଯୋଗୁ ହନ୍ତ ଶାନ୍ତ ହୋଇଥିବାର ଲୋକଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳିଥିଲା ବିଡ଼ିଓ ଙ୍କ ଏଭଳି ଆୟୋଜନକୁ ସାଧାରଣ ରେ ନିନ୍ଦା କରିଥିବା ଜଣା ପଡିଛି : ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତ ପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୧୨୫ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୫୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୬୭ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୯ ଗୋଟି ଅଭିଯୋଗ ର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣି ରେ ମାନ୍ୟବର ବିଧାୟକ, ରାଜଗାଙ୍ଗପୁର ଡ଼ା ସି ଏସ ରାଜେନ ଏକ୍କା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା, ତଥା ତହସିଲଦାର ଜଗବନ୍ଧୁ ମଲ୍ଲିକ,ବିଡ଼ିଓ ଅଖୟା ବାଗ,ଆଇନଶୃଙ୍ଖଳା କୁ ଦୃଷ୍ଟି ରେ ରଖି ସଡିପିଓ ବିଭୁତି ଭୂଷଣ ଭୋଇ,ଥାନା ଅଧିକାରୀ ବିଜୟ କେଶରୀ ଦାସ,ଓ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।